# ୭୦୭ ଆଶ୍ରୟସ୍ଥଳରେ ୧୩,୮୪୯ ଲୋକଙ୍କୁ ଥଇଥାନ



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜିଲାପାଳ, ବିଧାୟକ ଓ ପୋଲିସ ଅଧିକାରୀଙ୍କ ସମେତ ଅନ୍ୟମାନେ।

**ଜିଲାରେ ବାତ୍ୟା ମୁକାବିଲା ସମୀକ୍ଷା ବୈଠକ**

- ୭୩ ସ୍ଥାନରେ ରନ୍ଧାଖାଦ୍ୟ ବ୍ୟବସ୍ଥା
- ନରାଜ, ମୁଣ୍ଡଳୀ, ଜୋବ୍ରାରେ ତାଲିମପ୍ରାପ୍ତ ସମୁଦ୍ରବୁଡ଼ାଳି ମୁତୟନ
- ଜଳଯୋଗାଣ, ଅସ୍ଥାୟୀ ଆଶ୍ରୟସ୍ଥଳରେ ବିଦ୍ୟୁତ୍ ଯୋଗାଣ ପାଇଁ ୪୭୬ ଜେନେରେଟର

**କଟକ,୨୪।୧୦ (କାର୍ତ୍ତିକ ସାହୁ)**

କଟକ ଜିଲାରେ ବାତ୍ୟା ମୁକାବିଲା ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବାତ୍ୟା ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଜିଲାରେ ମୋଟ ୩୫୨ଟି ତଳିଆ ଅଞ୍ଚଳ ଚିହ୍ନଟ କରାଯାଇଛି। ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ଥଇଥାନ ନିମନ୍ତେ ୭୦୭ଟି ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି। ତଳିଆ ଓ ବିପଦ ଆଶଙ୍କା ଥିବା ଅଞ୍ଚଳରୁ ମୋଟ ୧୩,୮୪୯ ଜଣଙ୍କୁ ଥଇଥାନ କରାଯାଇଛି। ପୀଡ଼ିତ ଲୋକଙ୍କୁ ସ୍ଥାନାନ୍ତର ପାଇଁ ୧୯ଟି ଗାଡ଼ି ରଖାଯାଇଛି। ଅସ୍ଥାୟୀ ଆଶ୍ରୟସ୍ଥଳରେ ରଖାଯାଇଥିବା ଲୋକଙ୍କୁ ମାଗଣା ଖାଦ୍ୟ ଯୋଗାଇ ଦେବା ନିମନ୍ତେ ୭୩ଟି ସ୍ଥାନରେ ରୋଷେଇ ବ୍ୟବସ୍ଥା କରାଯାଇଛି। ଜଳଯୋଗାଣ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳରେ ବିଦ୍ୟୁତ ଯୋଗାଣ ପାଇଁ ୪୭୬ଟି ଜେନେରେଟର ମହଜୁଦ ରହିଛି। ଶୁଖିଲା ଖାଦ୍ୟ ହିସାବରେ ୫୨୨ କୁଇଣ୍ଟାଲ ଚୁଡ଼ା ଓ ୧୬୪.୫ କୁଇଣ୍ଟାଲ ଗୁଡ଼ ବିଭିନ୍ନ ବ୍ଲକର ବିଡିଓ ଓ ନିର୍ବାହୀ ଅଧିକାରୀଙ୍କ ନିକଟରେ ମହଜୁଦ ରହିଛି। ଅଧିକ ଆବଶ୍ୟକ ହେଲେ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ଏହାବାଦ ୧୫,୯୭୦ ପ୍ୟାକେଟ୍ ବିସ୍କୁଟ ବଣ୍ଟନ ପାଇଁ ରଖାଯାଇଛି।

ବାତ୍ୟା ପରବର୍ତ୍ତୀ ସମୟରେ ତୁରନ୍ତ ରାସ୍ତାଘାଟ ସଫା କରି ଜୀବନଯାତ୍ରା ସ୍ୱାଭାବିକ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ୩୭ଟି ଜେସିବି, ୭୦ ଟ୍ରାକ୍ଟର ରହିଥିବାବେଳେ ୪୨ ଜେସିବି, ୫୦ ଟ୍ରାକ୍ଟର ଓ ୧୭ଟି ଚେନ୍‌ଯୁକ୍ତ ଏସ୍କାଭେଟର ଅତିରିକ୍ତ ଭାବେ ରୁରାଲ ୱାର୍କ୍ସ ଡିପାର୍ଟମେଣ୍ଟ ଓ ପୂର୍ତ୍ତ ବିଭାଗ ଦ୍ୱାରା ରଖାଯାଇଛି। ପୀଡ଼ିତ ଲୋକଙ୍କୁ ପାନୀୟଜଳ ଯୋଗାଇଦେବା ନିମନ୍ତେ ୧୦୬ଟି ପାଣିଟାଙ୍କି ରଖାଯାଇଛି। ଆସନ୍ତା ୨ ସପ୍ତାହ ମଧ୍ୟରେ ପିଲାଜନ୍ମ ଦେବାକୁ ଥିବା ୫୨୨ ଜଣ ଗର୍ଭବତୀ ମହିଳାଙ୍କୁ ନିକଟତମ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଓଡ୍ରାଫ ଏବଂ ଅଗ୍ନିଶମ କର୍ମଚାରୀଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଏଥିସହ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ୬୦ଟି ବିଦ୍ୟୁତ୍‌ଚାଳିତ କରତ, ୧୦ଟି ବୋଟ, ୬୮ଟି ଆସ୍କାଲାଇଟ୍, ୪ଟି ହାଇଡ୍ରୋଲିକ କଟର, ଗୋଟିଏ ପ୍ଲାଜ୍ମା କଟର ସମେତ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରସ୍ତୁତ ରଖାଯାଇଛି। ନିଆଳି, ସାଲେପୁର, ମାହାଙ୍ଗା ବ୍ଲକ ଓ କଟକ ସହରରେ ଗୋଟିଏ ଲେଖାଏ ଓଡ୍ରାଫ ଟିମ୍, ଜିଲା ଅଗ୍ନିଶମ ବାହିନୀର ୧୯ଟି ଟିମ୍ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୭ଟି ଟିମ୍‌କୁ ଉଦ୍ଧାର କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ ରଖାଯାଇଛି। ସେହିପରି ବାତ୍ୟା ଆଶ୍ରୟସ୍ଥଳରେ ୩୦୦ ଜଣ ତାଲିମପ୍ରାପ୍ତ ଆପଦମିତ୍ରଙ୍କୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ନିମନ୍ତେ ନିୟୋଜିତ କରାଯାଇଛି। ପୁରୀ ସିଫେରର୍ସ ଲିମିଟେଡ୍ ଓ କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନର ତାଲିମପ୍ରାପ୍ତ ସମୁଦ୍ରବୁଡ଼ାଳିଙ୍କୁ ନରାଜ, ମୁଣ୍ଡଳୀ ଓ ଜୋବ୍ରା ନିକଟରେ ମୁତୟନ କରାଯାଇଛି। ସମସ୍ତ କେନାଲରେ ବନ୍ୟାଜଳ ସହଜରେ ନିଷ୍କାସନ ହେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ବିଦ୍ୟୁତ୍ ପରିବହନ ଓ ବାତ୍ୟା ପରେ ମରାମତି କାର୍ଯ୍ୟ ପାଇଁ ୧୮୯ଟି ଟିମ୍ ଗଠନ କରାଯାଇଛି। ବାତ୍ୟାରେ ଘର ଭାଙ୍ଗିଲେ ପୀଡ଼ିତଙ୍କୁ ଆଶ୍ରୟ ପ୍ରଦାନ ପାଇଁ ତୁରନ୍ତ ପଲିଥିନ୍ ଯୋଗାଇଦେବା ନିମନ୍ତେ ମହଜୁଦ ରଖାଯାଇଛି।

ଏହି ବୈଠକରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ଅଗ୍ରୱାଲ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଡିସିପି ଜଗମୋହନ ମିନା, ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର, ଏଡିଏମ୍ ଡ. ଦିବ୍ୟଲୋଚନ ମହାନ୍ତ ଓ ଶିବ ଟପ୍ପୋଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ‘ବାତ୍ୟା ପାଇଁ ଆତଙ୍କିତ ହୁଅନ୍ତୁ ନାହିଁ’



ବାତ୍ୟା ଆଶ୍ରୟ ସ୍ଥଳରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

**କଟକ,୨୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ବାତ୍ୟାକୁ ଦୃଷ୍ଟିରେ ରଖି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କଟକ ସହରରେ ଥିବା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଛନ୍ତି। କଟକ ସେଲ୍‌ଟର ଛକସ୍ଥିତ ଇନ୍ଦିରାଗାନ୍ଧୀ ମହିଳା କଲେଜ, ଗୋରାକବର ବିଦ୍ୟାଳୟ, ଉର୍ଦ୍ଦୁ ମହାବିଦ୍ୟାଳୟ, ସିଡିଏ ସେକ୍ଟର-୬ସ୍ଥିତ ଡିଏଭି ସ୍କୁଲରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିବା ଖାଦ୍ୟ, ପାନୀୟ, ଔଷଧ ତଦାରଖ କରିଥିଲେ। ଯେଉଁ ସ୍ଥାନରେ ଏହି ସାମଗ୍ରୀ ପହଞ୍ଚିପାରିନି ତୁରନ୍ତ ସେଠାରେ ଯୋଗାଇ ଦେବା ସହ ଆଶ୍ରୟ ସ୍ଥଳକୁ ଆସିପାରି ନ ଥିବା ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ ବିଧାୟିକା ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଶ୍ରୟସ୍ଥଳରେ ଲୋକଙ୍କ ସହିତ ସମସ୍ତ ବିଷୟରେ ଆଲୋଚନା କରି ବାତ୍ୟା ପାଇଁ ଆତଙ୍କିତ ନ ହେବାକୁ କହିଥିଲେ। ଏହି ପରିଦର୍ଶନବେଳେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଦିଲୀପ ମହାନ୍ତି, ପ୍ରଦୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରିଲିଫକାର୍ଯ୍ୟ ଅନୁଧ୍ୟାନ କଲା ବିଜେଡି

**ଆଠଗଡ଼,୨୪।୧୦(ସତ୍ୟ ପ୍ରସାଦ ରଥ)**

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଆଠଗଡ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ସ୍ଥାନାନ୍ତର କାର୍ଯ୍ୟକ୍ରମ ଅନୁଧ୍ୟାନ କରିଛନ୍ତି। କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ବ୍ଲକ ଅଧ୍ୟକ୍ଷା ମିନତି ଆଚାର୍ଯ୍ୟ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ପ୍ରମୁଖ ଇଚ୍ଛାପୁର, ଜେନାପଦା, ଯୋରନ୍ଦା, ପାଟେଣୀ ଗାଁ, ଦହିସରା, ମଞ୍ଜେଶ୍ୱର ଓ ଆଠଗଡ ଏନ୍‌ଏସିର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଆଦି ବୁଲି ଜନସାଧାରଣ, ସ୍ଥାନୀୟ ଜନପ୍ରତିନିଧିଙ୍କୁ ସଚେତନ କରିଥିଲେ। ଦଳ ପକ୍ଷରୁ ଶୁଖିଲା ଖାଦ୍ୟ, ମହମବତି, ଔଷଧ ଦିଆଯାଇଥିଲା।

## ଆଶ୍ରୟସ୍ଥଳକୁ ସ୍ଥାନାନ୍ତର

**ଖୁଣ୍ଟୁଣୀ, ୨୪।୧୦(ସଚ୍ଚିଦାନନ୍ଦ ପଣ୍ଡା)**

ବାତ୍ୟା ପାଇଁ ଆଠଗଡ଼ ବ୍ଲକ ଅଞ୍ଚଳର କଚ୍ଚାଘର ଓ ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ଆଶ୍ରୟସ୍ଥଳରେ ରଖିବା ପାଇଁ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ସନ୍ଧ୍ୟା ସୁଦ୍ଧା ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ଭାଜପାର କେତେଜଣ କର୍ମୀ, ନିର୍ବାଚିତ ପ୍ରତିନିଧିମାନେ ପଥରକଟା, କୋଲିଭୋଗରା, ରଗଡିପଡା, କୁନ୍ଦରାହଡା, ଖୁଣ୍ଟୁଣୀ ହରିଜନ ସାହି ଓ ଆଦିବାସୀ ସାହିର କଚ୍ଚାଘରେ ଥିବା ଲୋକଙ୍କୁ ଆଶ୍ରୟସ୍ଥଳକୁ ନେଇଛନ୍ତି।

# ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ

**ନିଶ୍ଚିନ୍ତକୋଇଲି/ଚୌଦ୍ୱାର/ ମଙ୍ଗୁଳି-ଜଗତପୁର/ କଟକ ସଦର,୨୪।୧୦ (ଅଶୋକ ମହାପାତ୍ର/ ଆଶୁତୋଷ ଦାସ/ମାନସ ସାମଲ/ ସୁଶାନ୍ତ କୁମାର ଜେନା)**

ବାତ୍ୟା ‘ଦାନା’କୁ ଦୃଷ୍ଟିରେ ରଖି ଗୁରୁବାର ଅପରାହ୍ନରେ ଆଇନ୍, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ସହ ସ୍ଥାନୀୟ ବିଧାୟକ ସାରଦା ପ୍ରଧାନ ବାତ୍ୟା ମୁକାବିଲା ସମ୍ପର୍କରେ ସମୀକ୍ଷା କରିଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତବେଳେ ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ଅନିତା ନାୟକ, ସିଡିପିଓ ସତ୍ୟଭାମା ବିଶୋଇ, ଏବିଡିଓ ଅଶୋକ ମହାନ୍ତି, ସହକାରୀ ନିର୍ବାହୀଯନ୍ତ୍ରୀ ନଳିନୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ସରକାର ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାପରେ ସେ ବୁହାଲୋ କଲ୍ୟାଣୀ ମଣ୍ଡପରେ ଲୋକଙ୍କ ସୁବିଧା ଅସୁବିଧା ବୁଝିଥିଲେ। ଏଥିସହ କଳାବଜାର କରୁଥିବା ବ୍ୟବସାୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଚୌଦ୍ୱାର ପୌରପାଳିକା ପକ୍ଷରୁ ୬ଟି ବାତ୍ୟା ଆଶ୍ରୟସ୍ଥଳ ଚିହ୍ନଟ କରାଯାଇ ବସ୍ତି ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ଡିସିପି ଜଗମୋହନ ମୀନା, ଚୌଦ୍ୱାର ଥାନା ଆଇଆଇସି ବିଶ୍ୱ ରଞ୍ଜନ ସାହୁ ଚୌଦ୍ୱାର ମ୍ୟୁନିସିପାଲ ହାଇସ୍କୁଲ ଓ ଗାନ୍ଧୀ ଛକସ୍ଥିତ ଏମ୍‌ଆଇଟିଆଇରେ ହୋଇଥିବା ଆଶ୍ରୟସ୍ଥଳରେ ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସହିତ ଆଲୋଚନା କରିଥିଲେ।

ଚୌଦ୍ୱାର ପୌରପାଳିକା ୮ ନମ୍ବର ୱାର୍ଡସ୍ଥିତ ଡାକବଙ୍ଗଳାରେ ବାତ୍ୟା ମୁକାବିଲା ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ବିଶ୍ୱାଳ ଯୋଗଦେଇ ଦଳୀୟକର୍ମୀ, କାଉନ୍‌ସିଲର ଓ ଖବରଦାତାଙ୍କୁ ବାତ୍ୟା ସମୟରେ ଏକଜୁଟ୍ ହୋଇ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି। ଏହି ବୈଠକରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଧାୟକଙ୍କ ପ୍ରତିନିଧି ତୀର୍ଥାନନ୍ଦ ସୁବୁଦ୍ଧିରାୟ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ସାମାଜିକ କର୍ମୀ ସତ୍ୟ ମହାନ୍ତିଙ୍କ ସମେତ ବହୁ କାଉନ୍‌ସିଲର ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଚୌଦ୍ୱାର ପୋଲିସ ପକ୍ଷରୁ ବିଭିନ୍ନ ବସ୍ତିରୁ ଲୋକଙ୍କୁ ଆଣି ବାତ୍ୟା ଆଶ୍ରୟସ୍ଥଳରେ ଛାଡ଼ିଛି। ବିଭିନ୍ନ ଆଶ୍ରୟ ସ୍ଥଳରେ ଆଶା ଓ ଅଙ୍ଗନୱାଡି କର୍ମୀ ଏବଂ ପୌର କର୍ମଚାରୀ ଉପସ୍ଥିତ ରହି ଲୋକଙ୍କୁ ଖାଦ୍ୟ ଓ ଔଷଧ ବଣ୍ଟନ କରିଛନ୍ତି।

କଟକ ସଦର ବ୍ଲକ ଅଧୀନ କିଶୋର ନଗର ଓ ଧରିଣା ପଞ୍ଚାୟତର କେତେକ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଛନ୍ତି ଅତିରିକ୍ତ ଜିଲାପାଳ ଶିବୋ ଟପୋ। ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଆଶ୍ରୟ ନେଇଥିବା ଲୋକଙ୍କ ସହିତ ସେ କଥାବାର୍ତ୍ତା କରିଥିଲେ। ଏହାଛଡା ଟପୋ ଆଖପାଖ ପଞ୍ଚାୟତ ଅତିରିକ୍ତ ବିଡିଓ ଖାଡେଶ୍ୱର ଦାସଙ୍କ ସହିତ ବୁଲିବା ସମୟରେ କେତେଜଣ ଲୋକ କେବଳ ଗରମ ଖାଦ୍ୟ ଖାଇବା ପାଇଁ ଆସି ଘରକୁ ଚାଲି ଯାଉଥିବା ଅଭିଯୋଗ ହୋଇଥିଲା। ଯେଉଁମାନେ ପବନର ପ୍ରକୋପ କମିବା ପର୍ଯ୍ୟନ୍ତ ରହିବେ ସେମାନଙ୍କୁ ସକାଳବେଳା ଚୁଡ଼ା ସହ ଗୁଡ଼, ମଧ୍ୟାହ୍ନ ଓ ରାତିରେ ଗରମ ଖାଦ୍ୟ ଦିଆଯିବ ବୋଲି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ କହିଥିଲେ।

**ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କଲେ ମନ୍ତ୍ରୀ, ବିଧାୟକ, ଜିଲାପାଳ**



ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରୁଛନ୍ତି।

# ରୋଗୀଙ୍କୁ ଖାଦ୍ୟ ବଣ୍ଟନ, ଡିଜିସେଟ୍ ଲାଗିଲା

**କଟକ,୨୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ବାତ୍ୟାକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷକରି ବାତ୍ୟା ସମୟରେ ରୋଗୀମାନେ ଖାଦ୍ୟ ସମସ୍ୟାର ସମ୍ମୁଖୀନ ନ ହେବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି। ଚିକିତ୍ସାଧୀନ ୪୦୦୦ ରୋଗୀଙ୍କୁ ମେଡିକାଲ କର୍ତ୍ତୃପକ୍ଷ ନିଜସ୍ୱ ଉଦ୍ୟମରେ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏହାବ୍ୟତୀତ ୧୦୦୦ ରୋଗୀଙ୍କ ସମ୍ପର୍କୀୟଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ସେହିପରି ଗୁରୁବାର ରାତିରୁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ସମସ୍ତ ଷ୍ଟାଫଙ୍କ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ଖାଦ୍ୟ ବ୍ୟବସ୍ଥା କରିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ବାତ୍ୟା ସମୟରେ ଏସ୍‌ସିବିର ସମସ୍ତ ବିଭାଗରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଜାରି ରହିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି।

**ବାତ୍ୟା ପାଇଁ ଏସ୍‌ସିବିରେ ପ୍ରସ୍ତୁତି**

ଏଥିପାଇଁ ଗୁରୁବାର ସନ୍ଧ୍ୟା ସୁଦ୍ଧା ମୋଟ ୩୭ଟି ଡିଜିସେଟ୍ ସଂଯୋଗ କରାଯାଇଛି। ଆବଶ୍ୟକ ପଡ଼ିଲେ ଆଉ ୬ଟି ଡିଜିସେଟ୍ ଷ୍ଟାଣ୍ଡବାଏ ରଖାଯାଇଛି। ଡିଜିସେଟ୍ ଚାଲିବା ପାଇଁ ପର୍ଯ୍ୟାପ୍ତ ପରିମାଣର ତେଲ ମହଜୁଦ ରଖାଯାଇଛି ବୋଲି ହସ୍ପିଟାଲ ମ୍ୟାନେଜର ସୂଚନା ଦେଇଛନ୍ତି।

# କଳାବଜାର ରୋକିବାକୁ ଚଢ଼ାଉ

**ନିଶ୍ଚିନ୍ତକୋଇଲି, ୨୪।୧୦ (ଅଶୋକ କୁମାର ମହାପାତ୍ର )**

ନିଶ୍ଚିନ୍ତକୋଇଲି ବ୍ଲକରେ ସାମୁଦ୍ରିକ ବାତ୍ୟା ‘ଦାନା’ର ସୁଯୋଗ ନେଇ କେତେଜଣ ଖୁଚୁରା ଓ ହୋଲ୍‌ସେଲର ବ୍ୟବସାୟୀ କଳାବଜାର କରି କୃତ୍ରିମ ଅଭାବ ସୃଷ୍ଟି କରୁଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅତିରିକ୍ତ ତହସିଲଦାର ଅଭୟ କୁମାର ପ୍ରତିହାରୀ, ସାଲେପୁର ଯୋଗାଣ ନିରୀକ୍ଷକ ଦୀପ୍ତିରଞ୍ଜନ ବେହେରା ମିଳିତ ଭାବେ ଗ୍ୟାସ୍ କାର୍ଯ୍ୟାଳୟ, ଆଳୁ ଗୋଦାମ, ଗ୍ରୋସରି ସମେତ ଅନ୍ୟାନ୍ୟ ଦୋକାନ ଉପରେ ଚଢ଼ାଉ କରିଥିଲେ। କୃତ୍ରିମ ଅଭାବ ନ କରି ଗ୍ରାହକଙ୍କୁ ଉଚିତ ମୂଲ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇଦେବାକୁ ତାଗିଦ କରିଥିଲେ। ମହଜୁଦ୍ ଥିବା ସାମଗ୍ରୀ ମୂଲ୍ୟ ଓ ପରିମାଣ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ବାତ୍ୟା ପାଇଁ ଖାଁ ଖାଁ



ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂ।



ଭୁବନେଶ୍ୱର ରେଳ ଷ୍ଟେସନ। (ଫଟୋ: ବିକାଶ ନାୟକ)



କଟକ ନେତାଜୀ ବସ୍ ଟର୍ମିନାଲ ଯାତ୍ରୀ ପ୍ରତୀକ୍ଷାଳୟ।



କଟକ ମାଲଗୋଦାମ। (ଫଟୋ: ରାଜକିଶୋର ମହାନ୍ତି)

**୧୮ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ, ୨ ଗିରଫ**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନା ପୋଲିସ ଦୁଇଟି ସ୍ଥାନରେ ଚଢ଼ାଉ କରି ୧୮ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ବେଗୁନିଆ ଗ୍ରାମର ଦିଲୀପ କୁମାର ଷଡଙ୍ଗୀଙ୍କଠାରୁ ୫ ଲିଟର ୪୦୦ ଏବଂ ସାନପଦର ଗ୍ରାମର କାଳି ପ୍ରସାଦ ପଟ୍ଟନାୟକଙ୍କଠାରୁ ୧୩ ଲିଟର ମଦ ଜବତ କରାଯିବା ପରେ ଏମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ବେଗୁନିଆ ଅବକାରୀ ପୋଲିସ କହିଛି।

## ସଂକ୍ଷେପରେ

### ହାତୀପଲ ଦଳିଦେଲେ ଧାନ ଫସଲ



ବେଗୁନିଆ,୨୪।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଆଖୁପଦର ମୌଜା ସ୍ଥିତ କ୍ଷେତରେ ବୁଧବାର ସନ୍ଧ୍ୟାରେ ହାତୀପଲ ପଶି ଧାନଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଗୌଡ଼ପାଟଣା ଗ୍ରାମର ଦିଲୁ ପଟ୍ଟନାୟକଙ୍କ ଦେଢ଼ ଏକର ଏବଂ ଆଖୁପଦର ଗ୍ରାମର ଶରତ ବାରିକଙ୍କର ଏକ ଏକରର ଧାନଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ହାତୀପଲ ଦୁର୍ଗାପୁର ଏବଂ ନାରାୟଣୀପଡା ଗ୍ରାମର ପାର୍ଶ୍ୱରେ ଥିବା ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ବାହାରୁଛନ୍ତି। ଗୁରୁବାର ସନ୍ଧ୍ୟାରେ ଖୋର୍ଦ୍ଧା ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲେ। ଅନ୍ୟପଟେ କ୍ଷତିପୂରଣ ଯୋଗାଇଦେବା ପାଇଁ ଚାଷୀମାନେ ଅନୁରୋଧ କରିଛନ୍ତି।

### ବେଗୁନିଆ ବ୍ଲକ୍: ବାତ୍ୟା ଆଶ୍ରୟସ୍ଥଳକୁ ୨୨ ସ୍ଥାନାନ୍ତର

ବେଗୁନିଆ,୨୪।୧୦(ହର ପ୍ରସନ୍ନ ପଣ୍ଡା)

ବାତ୍ୟା 'ଦାନା' ପ୍ରଭାବରେ ଗୁରୁବାର ଅପରାହ୍ନରୁ ବେଗୁନିଆ ବ୍ଲକ ଅଞ୍ଚଳରେ ତୁହାକୁ ତୁହା ହାଲୁକା ବର୍ଷା ସହ ବେଳେ ପବନ ହଉଛି।ହେଲେ ଜିରୋ କାଜୁଆଲିଟି ଲକ୍ଷ୍ୟ ରଖି ବ୍ଲକ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସଜାଗ ରହିଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଲକ୍ଷ୍ମୀଧର ସାହୁ ଏବଂ ତହସିଲଦାର ତାପସ ବିସି ବିଭିନ୍ନ ଗ୍ରାମାଞ୍ଚଳ ବୁଲି ସ୍ଥିତି ପରଖିଥିଲେ। ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଧାନଘରନୂଆଗାଁ ଗ୍ରାମର ୪ ପରିବାର ଲୋକଙ୍କ କଚ୍ଚା ଘର ଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ୪ ପରିବାରର ୨୨ ଜଣଙ୍କୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଭାବେ ଚିହ୍ନଟ କରାଯାଇଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥଇଥାନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇ ବ୍ଲକ ଅଞ୍ଚଳର ୮ଜଣ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ବୋଲି ବିଡିଓ ସୂଚନା ଦେଇଛନ୍ତି।

### ଗ୍ରୀଲ୍ ଭାଙ୍ଗି ନେଇଗଲେ ୩ ବାଇକ୍

ନିରାକାରପୁର,୨୪।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ଚିତ୍ରକୂଟ ବିହାରରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘର ଗ୍ରୀଲ୍ ଭାଙ୍ଗି ଦୁର୍ବୃତ୍ତମାନେ ଗୋଟିଏ ବୁଲେଟ ସହିତ ଦୁଇଟି ବାଇକ୍ ନେଇଯାଇଥିବା ଅଭିଯୋଗ ହୋଇଛି। ପରିବାରଲୋକ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଅତ୍ୟାଧୁନିକ ମେଶିନ ସାହାଯ୍ୟରେ ଗ୍ରୀଲ୍ କାଟି ୩ଟି ବାଇକ୍ ନେଇଯାଇଥିଲେ। ପରିବାରଲୋକ ସକାଳେ ଉଠି ଦେଖିବା ବେଳକୁ ଘର ଗ୍ରୀଲ୍ ଖୋଲା ହୋଇଥିବା ବେଳେ ଗାଡ଼ିଗୁଡ଼ିକ ନାହିଁ। ପ୍ରକାଶ ଯେ, ଗତ ମାସ ୩ ତାରିଖରେ ପଣ୍ଡାବାପାଟଣା ରାସ୍ତାରେ ଥିବା ଜଣେ ବ୍ୟକ୍ତିଙ୍କ ଘରୁ ଏକ ବୁଲେଟ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କାହାରିକୁ ଧରିପାରି ନ ଥିବା ଜଣାପଡ଼ିଛି।

# ମେଡିକାଲକୁ ସ୍ଥାନାନ୍ତର ହେଲେ ୧୭୯ ଗର୍ଭବତୀ

ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)

**ବାତ୍ୟା ଆଶ୍ରୟସ୍ଥଳ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ**



ବାତ୍ୟା 'ଦାନା' ପ୍ରଭାବରେ ଖୋର୍ଦ୍ଧା ସମେତ ବିଭିନ୍ନ ଅଞ୍ଚଳରେ ଗୁରୁବାର ଅପରାହ୍ନରୁ ପବନର ବେଗ ବଢ଼ିଥିବା ବେଳେ ଦିନତମାମ ବର୍ଷା ଲାଗି ରହିଥିଲା। ଏଥିସହ ରାସ୍ତାଘାଟ ଶୂନଶାନ ରହିଥିଲା। ତେବେ ବାତ୍ୟା ମୁକାବିଲା ଲାଗି ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବରିଷ୍ଠ ଅଧିକାରୀଙ୍କୁ ବିଭିନ୍ନ ବ୍ଲକ ତଦାରଖ ଦାୟିତ୍ୱ ଦିଆଯାଇଛି। ବ୍ଲକ ପ୍ରଶାସନକୁ ସହଯୋଗ ପାଇଁ ଦାୟିତ୍ୱରେ ରହିଥିବା ଏହି ଅଧିକାରୀମାନେ ସମ୍ବେଦନଶୀଳ ସ୍ଥାନ, ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ବିଭିନ୍ନ ଆନୁଷଙ୍ଗିକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଭୟଭୀତ ନ ହୋଇ ସତର୍କ ରହିବାକୁ ଜିଲାପାଳ ଚଞ୍ଚଳ ରାଣା ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ଗୁରୁବାର ଜିଲାପାଳ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏଥିସହ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ଏବଂ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଜିଲାପାଳ କହିଛନ୍ତି, ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ଦୈନିକ ସମୀକ୍ଷା ସହ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ୧୦ଟି ଅଗ୍ନିଶମ ଟିମ୍ ପ୍ରସ୍ତୁତ ରହିଥିବା ବେଳେ ୬ଟି ଓଡ୍ରାଫ ଟିମ୍ ବାଲିଅନ୍ତା, ଜଟଣୀ, ଖୋର୍ଦ୍ଧା, ବେଗୁନିଆ ଏବଂ ଚିଲିକାରେ ମୁତୟନ ହୋଇଛନ୍ତି। ଚିଲିକା ଭିତରକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ମନା କରାଯାଇଥିବା ବେଳେ ତଳି ଅଞ୍ଚଳରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଜରୁରିକାଳୀନ ବିଭାଗ ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟା ସୁଦ୍ଧା ୬୬୭ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେଥିରେ ୧୮୭ ଶିଶୁ ଅଛନ୍ତି। ୫୧ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ସହିତ ୩୭୯ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ଜନସାଧାରଣଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଏଥିସହ ସେଠାରେ ବିଶୁଦ୍ଧ ପାନୀୟଜଳ, ଆଲୋକୀକରଣ, ପରିମଳ ବ୍ୟବସ୍ଥା କରାଯାଇଛି। ସେହିପରି ଜିଲା ସାମାଜିକ କଲ୍ୟାଣ ବିଭାଗ ସୂଚନା ଅନୁଯାୟୀ, ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାର ୧୭୯ଜଣ ଗର୍ଭବତୀ ମହିଳା ଏବଂ ୮ଜଣ ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ନିକଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧି ତନୟା ସାହୁ କୁହନ୍ତି ଏହି ବ୍ଲକରେ ବର୍ତ୍ତମାନ ସୁଦ୍ଧା ୪ଟି ପଞ୍ଚାୟତର ୫ଟି ଗ୍ରାମ ପ୍ରଭାବିତ ହୋଇଛି। ୪୦୫ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୧୦୫ ଶିଶୁ ଏବଂ ୨୫୦ ମହିଳା, ପୁରୁଷ ରହିଛନ୍ତି। ୨ଟି ସ୍ଥାନରେ ରନ୍ଧା ଖାଦ୍ୟ ଆରମ୍ଭ ହୋଇଛି। ୪ଟି ମେଡିକାଲ ଟିମ୍, ଗୋଟିଏ ପ୍ରାଣୀ ଧନ ବିଭାଗ ଟିମ୍ ନିୟୋଜିତ ଅଛନ୍ତି। ସେହିପରି ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ କହିଛନ୍ତି, ଖୋର୍ଦ୍ଧାର ୨୨ଟି ୱାର୍ଡ ପାଇଁ ୧୦ଟି ବିଦ୍ୟାଳୟରେ ଅସ୍ଥାୟୀ ଆଶ୍ରୟସ୍ଥଳ କରାଯାଇଛି। ସେଠାରେ ସମସ୍ତ ସୁବିଧା ଉପଲବ୍ଧ ରହିଛି। ଆବଶ୍ୟକ ସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରାଯିବ। ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂ ହଟାଯାଇଛି। ବାଲୁଗାଁ ଏନ୍ଏସି ନିର୍ବାହୀ ଅଧିକାରୀ କହିଛନ୍ତି, ଗୁରୁବାର ଅପରାହ୍ନ ୨ଟା ସୁଦ୍ଧା ଚିଲିକା ତଳ ଅଞ୍ଚଳର ୧, ୨ ଓ ୩ ୱାର୍ଡର ୧୮ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେଥିରେ ୮ଜଣ ଶିଶୁ ଓ ୧୦ଜଣ ମହିଳା,ପୁରୁଷ ରହିଛନ୍ତି। ଆଗକୁ ସ୍ଥାନାନ୍ତର ଜାରି ରହିବ। ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ବାଲିଅନ୍ତା ବ୍ଲକ ବିଡିଓ କହିଛନ୍ତି, ଏହି ବ୍ଲକର ୪ଟି ପଞ୍ଚାୟତର ୫ ଗ୍ରାମ ପ୍ରଭାବିତ ହେବାକୁ ଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ୪୦୫ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୪ଟି ମେଡିକାଲ ଟିମ୍ ସହ ଗୋଟିଏ ପ୍ରାଣୀଧନ ମେଡିକାଲ ଟିମ୍ ନିୟୋଜିତ ଅଛନ୍ତି। ଦୁଇଟି ସ୍ଥାନରେ ରନ୍ଧା ଖାଦ୍ୟ ଆରମ୍ଭ ହୋଇଛି।

## ଚିଲିକାରେ ପକ୍ଷୀଙ୍କ ସୁରକ୍ଷାକୁ ପ୍ରାଥମିକତା

ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)

ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବା ସହ ଚିଲିକା ଉପରେ ଏହାର ପ୍ରଭାବ ପଡ଼ିଛି। ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହେଲାଣି। ତେଣୁ ସେମାନଙ୍କ ସୁରକ୍ଷା ନେଇ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏନେଇ ଚିଲିକା ବନ୍ୟପ୍ରାଣୀ ଡିଭିଜନ(ଡିଏଫ୍ଓ) ଅଧିକାରୀ ଅମ୍ଲାନ ନାୟକ କହିଛନ୍ତି, ଚିଲିକାରେ ପକ୍ଷୀଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଯେଉଁ ଅଞ୍ଚଳରେ ପକ୍ଷୀ ରହିଛନ୍ତି ସେଠାରେ ଅସ୍ଥାୟୀ ଶିବିରରେ କର୍ମଚାରୀମାନେ ଜଗି ରହିଛନ୍ତି। ସମସ୍ତଙ୍କୁ ସତର୍କ ଓ ସଜାଗ ରହିବାକୁ କୁହାଯାଇଛି। ୨୧ଟି ଟିମ୍ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ସମସ୍ତ ଆବଶ୍ୟକ ଉପକରଣ ସହ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଯେଭଳି କୌଣସି ସମସ୍ୟାର ତୁରନ୍ତ ସମାଧାନ କରାଯାଇପାରିବ। ସମସ୍ତ ଟିମ୍‌କୁ ସତର୍କ ରହିବାକୁ କୁହାଯାଇଛି। ସେହିପରି ଖୋର୍ଦ୍ଧା ବନଖଣ୍ଡରେ ବନ୍ୟଜନ୍ତୁଙ୍କ ଜୀବନକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ କ୍ଷେତ୍ର କର୍ମଚାରୀ, ବନାଞ୍ଚଳ ଅଧିକାରୀଙ୍କୁ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।



ଖୋର୍ଦ୍ଧା ଜିଲାର ଏକ ବାତ୍ୟା ଆଶ୍ରୟସ୍ଥଳରେ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଦିଆଯାଉଛି। (ଫଟୋ: ପ୍ରଭାତ ପାଣିଗ୍ରାହୀ)

## ଦୋକାନରେ ଯୋଗାଣ ବିଭାଗର ଚଢ଼ାଉ

ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)

ବାତ୍ୟାକୁ ନେଇ ଲୋକେ ଆତଙ୍କିତ ହୋଇ ଅଧିକା କିଣାକିଣି କରୁଛନ୍ତି। ଏହାର ଫାଇଦା ଉଠାଇ କେତେଜଣ ଅସାଧୁ ବେପାରୀ ଦର ବଢ଼ାଇ ଦେଇଛନ୍ତି। ଏନେଇ ଗୁରୁବାର ଅପରାହ୍ନରେ ଖୋର୍ଦ୍ଧା ସହରର ବିଭିନ୍ନ ଦୋକାନରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଖୋର୍ଦ୍ଧା ଯୋଗାଣ ବିଭାଗ ପକ୍ଷରୁ ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ନେତୃତ୍ୱରେ ସହକାରୀ ଯୋଗାଣ ଅଧିକାରୀ ପ୍ରତିମା ପ୍ରଧାନ, ଖୋର୍ଦ୍ଧା ବ୍ଲକ ଯୋଗାଣ ନିରୀକ୍ଷକ ସିଦ୍ଧାର୍ଥ କୁମାର ସାହୁ, ଖୋର୍ଦ୍ଧା ପୌର ପରିଷଦ ଯୋଗାଣ ନିରୀକ୍ଷକ ଶ୍ରଦ୍ଧାଞ୍ଜଳି ସେଠୀ ପ୍ରମୁଖ ଖୋର୍ଦ୍ଧା ସମବାୟ ଛକ, ଲକ୍ଷ୍ମୀ ମାର୍କେଟ, ୪୦୭ ଷ୍ଟାଣ୍ଡ ପାଖ ଆଳୁ ଗୋଦାମ, ନୂଆ ବସ୍‌ଷ୍ଟାଣ୍ଡ, ରାସ୍ତାକଡ଼ରେ ବିକ୍ରି କରୁଥିବା ଦୋକାନଗୁଡ଼ିକରେ ଚଢ଼ାଉ କରିଥିଲେ। ଅନେକ ଦୋକାନ ସମ୍ମୁଖରେ ରେଟ୍ ଚାର୍ଟ ଲଗାଯାଇ ନ ଥିବାରୁ ସେମାନଙ୍କୁ ତାଗିଦ କରିଥିଲେ। ସେହିଭଳି ଆଳୁ କେଜି ୩୦ରୁ ୩୫ ଏବଂ ପିଆଜ କେଜି ୫୫ରୁ ୬୦ ଟଙ୍କା ଭିତରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ଥଇଥାନ

ଜଟଣୀ,୨୪।୧୦(ରବୀନ୍ଦ୍ରନାଥ ମହାକୁଡ଼)

ବାତ୍ୟା 'ଦାନା' ପ୍ରଭାବରେ ବର୍ଷା, ପବନ ଲାଗି ରହିଛି। ଏଥିପାଇଁ ଜଟଣୀ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା କେତେଜଣ ଗ୍ରାମବାସୀଙ୍କୁ ବିଭିନ୍ନ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଏହି ବ୍ଲକ ଅନ୍ତର୍ଗତ ୧୫ ପଞ୍ଚାୟତର ୩ଟି ବାତ୍ୟା ଆଶ୍ରୟସ୍ଥଳ ସହିତ ୪୪ଟି ଅସ୍ଥାୟୀ ଆଶ୍ରୟସ୍ଥଳରେ ରାତି ୧୦ଟା ୩୦ ସୁଦ୍ଧା ୧୩ ପଞ୍ଚାୟତରୁ ୯୨୩ଜଣଙ୍କୁ ୧୯ଟି ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ବିଡିଓ ରଶ୍ମିତା ନାଥ ସୂଚନା ଦେଇଛନ୍ତି। ଜାମୁକୋଳି, ପଧାନସାହି, ପଞ୍ଚୁପଲ୍ଲୀ, ବେଣାପଞ୍ଜରୀ, ତିରିମଲ୍ଲ, ଅଙ୍ଗାରପଡା ଆଦି ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ କରାଯାଇଛି। ପ୍ରତି ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ଆଲୋକୀକରଣ, ଟଏଲେଟ ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ଚିକିତ୍ସା ନିମନ୍ତେ ଆବଶ୍ୟକ ସ୍ଥଳେ ଡାକ୍ତରୀ ଟିମ ମଧ୍ୟ ପ୍ରସ୍ତୁତ ରହିଛନ୍ତି। ବିଶେଷକରି ଜାମୁକୋଳି ପଞ୍ଚାୟତର ପାଞ୍ଚଗାଁ, ବେଣାପଞ୍ଜରୀ ପଞ୍ଚାୟତର ପାଣ୍ଡିଆବିଲ୍ଲି ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ଜଟଣୀ ବ୍ଲକ ଅଧୀନରେ ଥିବା ୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ମଧ୍ୟ ପ୍ରଶାସନ ସଜାଗ ରହିଛି। ରାସ୍ତାକଡରେ ପାଲ ଟାଣି ରହୁଥିବା ବୁଲା ବିକାଳି ଏବଂ ଅସହାୟନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଆଶ୍ରୟ ଦେବାକୁ ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ କହିଛନ୍ତି।

## ଆବାସିକ ବିଦ୍ୟାଳୟ ସ୍ଥିତି ପରଖିଲେ ଡିଇଓ



ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)

ଜିଲା ଶିକ୍ଷା ଅଧିକାରୀ(ଡିଇଓ) ବିଶ୍ୱନାଥ ତରାଇ ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଅଞ୍ଚଳର ବିଭିନ୍ନ ଆବାସିକ ବିଦ୍ୟାଳୟ ଛାତ୍ରାବାସ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଏଥିସହ ପିଲାମାନଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ସମୟରେ ଏଠାରେ ରହୁଥିବା ପିଲାମାନଙ୍କ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ରାବାସ ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପରିବା ବଜାରରେ ଦରଦାମ ଯାଞ୍ଚକଲେ ଅଧିକାରୀ



ଜିଲା ଯୋଗାଣ ବିଭାଗ କର୍ମଚାରୀମାନେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅଞ୍ଚଳରେ ଥିବା ପରିବା ଦୋକାନ ପରିଦର୍ଶନ କରି ଆଳୁ ପିଆଜ ଦାମ୍ ସ୍ଥିତି ଯାଞ୍ଚ କରିଛନ୍ତି। ଯେଭଳି ବଜାରରେ ଅଭାବ ସୃଷ୍ଟି ନ ହୁଏ, ଅଧିକା ଦରରେ ସାମଗ୍ରୀ ବିକ୍ରି ନ ହୁଏ ସେଥିପ୍ରତି ବିଭାଗ ପକ୍ଷରୁ ବେପାରୀଙ୍କୁ ତାଗିଦ୍ କରାଯାଇଛି ବୋଲି ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ କହିଛନ୍ତି।

## ନିରାପଦ ସ୍ଥାନକୁ ସ୍ଥାନାନ୍ତର ହେଲେ ମଇଁଷି



ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରତିକାରାତ୍ମକ ପଦକ୍ଷେପ ସ୍ୱରୂପ ଚିଲିକା ଉପରେ ନିର୍ଭରଶୀଳ ଥିବା ମଇଁଷିଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତରିତ ଗୃହପାଳିତ ପଶୁମାନଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ଶୁଖିଲା ପଶୁ ଖାଦ୍ୟର ବ୍ୟବସ୍ଥା ଖୋର୍ଦ୍ଧା ଜିଲା ପ୍ରାଣୀ ପାଳନ ବିଭାଗ ପକ୍ଷରୁ କରାଯାଇଛି।

## ସାମ୍ବାଦିକତା ସହ ଆଞ୍ଚଳିକ ବିକାଶରେ ଅଗ୍ରଗଣ୍ୟ ଥିଲେ ଜୟକୃଷ୍ଣ

ବୋଲଗଡ,୨୪।୧୦(ଦେବବ୍ରତ ହୋତା)

ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ହୋତାଙ୍କ ବିୟୋଗରେ ଗୁରୁବାର ବୋଲଗଡ଼ ଜଗନ୍ନାଥ ମନ୍ଦିରଠାରେ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବଳଦୁର୍ଗ ସାହିତ୍ୟ ସଂସଦ, ବରିଷ୍ଠ ନାଗରିକ ମଞ୍ଚ ଓ ପୂଜ୍ୟପୂଜା ସଂସଦ ପକ୍ଷରୁ ମିଳିତଭାବେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ନବକିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରବୀନ୍ଦ୍ର କୁମାର ପରିଡ଼ା, ହରିବନ୍ଧୁ ସାହୁ, ପ୍ରଫୁଲ୍ଲ ମହାପାତ୍ର, ଗୋପୀନାଥ ଖାଡଙ୍ଗା, ପ୍ରଭାକର ସାହୁ, ଦିବାକର ପରମଗୁରୁ, ରାଧେଶ୍ୟାମ ରାୟଗୁରୁ ମହାପାତ୍ର, ପୁରନ୍ଦର ବେହେରା, କୈଳାସ ତ୍ରିପାଠୀ, ରଘୁନାଥ ଦଳବେହେରା, ଭକ୍ତବଲ୍ଲଭ ପଟ୍ଟନାୟକ, ଲଲାଟେନ୍ଦୁ କେଶରୀସିଂହ, ଅଚ୍ୟୁତ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟରେ ସ୍ୱର୍ଗତ ହୋତାଙ୍କ ବହୁମୁଖୀ ପ୍ରତିଭାର ଅବତାରଣ କରିଥିଲେ। ସାମ୍ବାଦିକତା ସହ ଆଞ୍ଚଳିକ ବିକାଶରେ ଅଗ୍ରଗଣ୍ୟ ଥିଲେ ଜୟକୃଷ୍ଣ ବୋଲି ମତପ୍ରକାଶ ପାଇଥିଲା। ଏଥିସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଖବରଦାତା ସତ୍ୟ ନାରାୟଣ ବାରିକ ଧନ୍ୟବାଦ ଦେଇଥିଲେ। ସେହିପରି ନନ୍ଦିଘୋଷ ଭବନ ଠାରେ ବୋଲଗଡ଼ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ମଧ୍ୟ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ କଣ୍ଟ୍ରୋଲ କମିଟି ଅଧ୍ୟକ୍ଷ ବସନ୍ତ ପାଇକରାୟ, କଂଗ୍ରେସ ଯୁବନେତା ସଦାଶିବ ମହାପାତ୍ରଙ୍କ ସମେତ ଅନ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

## ୬ ପଞ୍ଚାୟତର ୪ଶହରୁ ଊର୍ଦ୍ଧ୍ୱ ସ୍ଥାନାନ୍ତର

କୃଷ୍ଣପ୍ରସାଦ,୨୪।୧୦
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ବାତ୍ୟା 'ଦାନା' ପ୍ରଭାବରେ ଗୁରୁବାର ଦିନତମାମ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଝିପିଝିପି ବର୍ଷା ସାଙ୍ଗକୁ ପବନ ଲାଗି ରହିଥିଲା। ବାତ୍ୟାକୁ ମୁକାବିଲା ପାଇଁ ବ୍ଲକ ପ୍ରଶାସନ ସଜାଗ ରହିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ବିଦ୍ୟାଳୟଗୁଡ଼ିକୁ ଅସ୍ଥାୟୀ ରହଣିସ୍ଥଳ ଭାବେ ପ୍ରସ୍ତୁତ କରାଯାଇଛି। ଜନସାଧାରଣ କିଭଳି ସୁବିଧାରେ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ରହିପାରିବେ ସେ ନେଇ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଝଟିମାଟି ଓ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତର ହୋଇଥିବା ଲୋକମାନଙ୍କୁ ବୁଧବାର ରାତିଠାରୁ ରନ୍ଧା ଖାଦ୍ୟ ଦିଆଯିବାର ବ୍ୟବସ୍ଥା ହୋଇଛି। ଆବଶ୍ୟକ ପଡ଼ିଲେ ଅଧିକ ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯିବ। ସମୁଦ୍ରକୂଳରେ ବସବାସ କରୁଥିବା ଲୋକଙ୍କୁ ମଧ୍ୟ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବ୍ଲକ କାର୍ଯ୍ୟାଳୟରେ ଉଦ୍ଧାର କାର୍ଯ୍ୟ ପାଇଁ ଏନ୍‌ଡିଆର୍ଏଫ୍‌ର ୨୪ଜଣିଆ ଟିମ୍ ପହଞ୍ଚିଛନ୍ତି। ଗର୍ଭବତୀ, ଶିଶୁ, ଦିବ୍ୟାଙ୍ଗ ଏବଂ ବରିଷ୍ଠଙ୍କୁ ସ୍ଥାନାନ୍ତର ଓ ସହଯୋଗ କରିବାକୁ ମହିଳା ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଥିବା ବେଳେ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟଠାରେ ରିଲିଫ ସାମଗ୍ରୀ, ଔଷଧ ମହଜୁଦ ରଖାଯିବାକୁ ବ୍ୟବସ୍ଥା ହୋଇଛି। ସମସ୍ତ ବ୍ୟବସ୍ଥା କରିବା ନିମନ୍ତେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟସଭ୍ୟା ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବଡ଼ଖାଡ଼, ସାତପଡ଼ା, ଅରଖକୁଦା, ନୂଆପଡ଼ା, ସିଆଳ ଏବଂ ପଣସପଦା ପଞ୍ଚାୟତର ୪ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବିଡିଓ ଅମିୟ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏବଂ ଏମ୍‌ପି ଡା. ସମ୍ବିତ ପାତ୍ର କୃଷ୍ଣପ୍ରସାଦ ଅଞ୍ଚଳ ଗସ୍ତ କରି ଲୋକଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଅରଖକୁଦା ପଞ୍ଚାୟତ ହରଚଣ୍ଡୀସାହିର ଜଣେ ବୃଦ୍ଧାଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ନିଆଯାଉଛି।

## ପ୍ରଭାବିତ ହୋଇପାରେ ୪୫ ହଜାର ହେକ୍ଟର ଧାନଫସଲ

ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)



ଚାଷୀ ଏବଂ ଚାଷଙ୍କ ପିଛା ଛାଡୁନି ପ୍ରାକୃତିକ ବିପର୍ଯ୍ୟୟ। ପ୍ରତିବର୍ଷ ସ୍ୱଳ୍ପ ବୃଷ୍ଟି, ଅଦିନିଆ ବର୍ଷା, ଲଘୁଚାପଜନିତ ବର୍ଷା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ବାତ୍ୟା 'ଦାନା' ଏବେ ଚାଷୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ବାତ୍ୟା ପ୍ରଭାବରେ ବର୍ଷା ସହ ପବନ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବଡ଼ଧାନ ଥୋଡ଼ ବାହାରୁଥିବା ସମୟରେ ଲଘୁଧାନ ଫସଲ ପାଚିବା ସ୍ଥିତିରେ ରହିଛି। ତେବେ ବର୍ଷା ଓ ପବନ ଯୋଗୁ ବିଲରେ ପାଣିଜମି ଧାନ ପଚି ନଷ୍ଟ ହେବା ସମ୍ଭାବନା ରହିଛି। ଫଳରେ ଚାଷୀ ବିଲରୁ କଞ୍ଚା ଧାନ କାଟି ଘରକୁ ବୋହି ନେଉଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ମଧ୍ୟ ଅମଳ ଧାନକୁ କାଟି ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ଚାଷୀଙ୍କୁ ନିବେଦନ କରିଛନ୍ତି। ମଲ୍ଲୀପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ ଦାସ କୁହନ୍ତି, ଚଳିତ ବର୍ଷ ଏହି ଅଞ୍ଚଳରେ ଭଲ ଫସଲ ହୋଇଛି। ପବନ ସହ ବର୍ଷା ଲାଗିରହିଲେ ଫସଲ ନଷ୍ଟକୁ ଏଡାଇ ଦିଆଯାଇ ନ ପାରେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ସେହିପରି ଚାଷୀ ଅକ୍ଷୟ କୁମାର ସାହୁ କହିଛନ୍ତି, ୧୦ଏକର ଜମିରେ ଚାଷ କରିଛି। ବର୍ଷା ହେଲେ ଫସଲ ନଷ୍ଟ ହୋଇଯିବ। ଧାନ ପାଚିବା ସମୟରେ 'ଦାନା' ଦୁଃଖ ଆଣିଛି। ଚାଷୀ ନନ୍ଦ କିଶୋର ବେହେରା କହିଛନ୍ତି, ୧୦ଏକର ଜମିରେ ଫସଲ କରିଛି। ଧାନ ପାଚି ଆସିଲାଣି। ବର୍ଷା ପବନକୁ ଭୟ ରହିଛି। ଆଉ ସାତଦିନ ପରେ ଧାନ କାଟିବାକୁ ଯୋଜନା କରିଥିଲି। ବର୍ତ୍ତମାନ ସୁଦ୍ଧା କୃଷି ବିଭାଗ ପକ୍ଷରୁ କେହି ଯୋଗାଯୋଗ କରିନାହାନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ କହିଛନ୍ତି, ବାତ୍ୟାକୁ ଦୃଷ୍ଟିରେ ରଖି ବ୍ଲକ କୃଷି ଅଧିକାରୀମାନଙ୍କୁ ସଜାଗ, ପ୍ରସ୍ତୁତ ରହିବାକୁ କୁହାଯାଇଛି। ବିଲରୁ ପାଣି ନିଷ୍କାସନ ପାଇଁ ଚାଷୀଙ୍କୁ ସଚେତନ କରାଯାଇଛି। ଚଳିତ ବର୍ଷ ୧ ଲକ୍ଷ ୨ହଜାର ହେକ୍ଟର ଚାଷ ଜମିରେ ଧାନ ଫସଲ ହୋଇଥିବା ବେଳେ ପ୍ରାୟ ୪୦ପ୍ରତିଶତ ଖାଲୁଆ ଅଞ୍ଚଳର ୪୫ ହଜାର ହେକ୍ଟର ଚାଷଜମି ପ୍ରଭାବିତ ହେବା ଆକଳନ କରାଯାଇଛି। ଡ୍ରୋନ୍ ମାଧ୍ୟମରେ ପରବର୍ତ୍ତୀ ସମୟରେ କ୍ଷୟକ୍ଷତି ଆକଳନ କରାଯିବ। ପ୍ରକାଶ ଯେ, ୨୦୨୦ରେ ଲଗାଣ ବର୍ଷାରେ ୭୬୦୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିଲା, ଶତାଧିକ ଚାଷୀ କ୍ଷତି ସହିଥିଲେ। ୨୦୧୯ ବାତ୍ୟାରେ ୭୮୧୭ ହେକ୍ଟର, ୨୦୧୮ ବାତ୍ୟା ପ୍ରଭାବରେ ୮ଟି ବ୍ଲକର ଚାଷୀ ପ୍ରଭାବିତ ହୋଇଥିବା ବେଳେ ୭୩୩୦ ହେକ୍ଟର ଚାଷଜମି ଉଜୁଡି ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ୨୦୨୧ ଓ ୨୦୨୨ରେ ପ୍ରାୟ ୭ହଜାର ହେକ୍ଟର ଜମି ପ୍ରଭାବିତ ହୋଇଥିବା କୃଷି ବିଭାଗ ଆକଳନରୁ ଜଣାପଡିଛି।

**ଚାକିରି ପ୍ରଲୋଭନ ଦେଖାଇ ଡ୍ରାଇଭରଙ୍କଠାରୁ ବାଇକ୍ ନେଇଗଲେ**

ବାଙ୍କ,(ଲିଙ୍ଗରାଜ ରାଉତ): ଓମ୍‌ଫେଡରେ ଗାଡ଼ି ଚାଳକ ଭାବେ ଚାକିରି ଦେବାକୁ କହି ତାଙ୍କଠାରୁ ଏକ ବାଇକ୍ ଲୁଟି ନେଇଥିବା ଗୋଡ଼ିସାହି ଫାଣ୍ଡିରେ ଗୁରୁବାର ଖୋର୍ଦ୍ଧା ବେଗୁନିଆ ଥାନା ଅଞ୍ଚଳର ମାନସ ପ୍ରଧାନ(୨୪) ଅଭିଯୋଗ କରିଛନ୍ତି। ଜିତୁ ଲେଙ୍କା ନାମକ ଅଜ୍ଞାତଙ୍କ ଡ୍ରାଇଭର ଗତ ୨୨ ତାରିଖରେ ତାଙ୍କୁ ଗୋବିନ୍ଦପୁର ଅଞ୍ଚଳକୁ ମାନସଙ୍କୁ ଡାକି ଆଧାର କାର୍ଡ ଓ ପାସପୋର୍ଟ ଫଟୋ ନେଇଥିଲେ। ପରେ ଉଭୟ ମୁଣ୍ଡଳୀ ଯିବାବେଳେ ବାଟରେ ମାନସଙ୍କ ବାଇକ୍(ଓଡି ୦୨ ଡବ୍ଲ୍ୟୁ ୫୭୬୭)କୁ ନେଇ ଜିତୁ ପଳାଇଥିଲେ।



# ଆଶ୍ରୟସ୍ଥଳରେ ଅଧା ପାଇଲେନି ରନ୍ଧାଖାଦ୍ୟ


ବ୍ରହ୍ମେଶ୍ୱରପାଟଣା ହାଇସ୍କୁଲ ଆଶ୍ରୟସ୍ଥଳରେ ରହିଥିବା ଲୋକେ।


ୟୁନିଟ୍ ୬ ବିଏମ୍‌ସି କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ଶିଶୁ, ବୟସ୍କ ଓ ମହିଳାମାନେ।

ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)

**ବାତ୍ୟା ମୁକାବିଲା: ଆରମ୍ଭରୁ ଝୁଣ୍ଟିଲା ବିଏମ୍‌ସି**

- ଶେଷ ମୁହୂର୍ତ୍ତରେ କର୍ପୋରେଟରଙ୍କୁ ଖାଦ୍ୟ ଯୋଗାଡ଼ କରିବାକୁ କହି ହାତ ଟେକିଦେଲେ ଅଧିକାରୀ

ବାତ୍ୟା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମୋଟ ୧୦୯ ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯାଇଛି। ଲୋକଙ୍କୁ ସ୍ଥାନାନ୍ତର ପାଇଁ ୩ଟି ବସ୍ ସହିତ ବିଏମ୍‌ସି ଗାଡ଼ି ରହିଛି। ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କ ରହିବା ସହ ସମସ୍ତ ବ୍ୟବସ୍ଥା କରାଯାଇଥିବା ମେୟର ସୁଲୋଚନା ଦାସ ଓ କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ଏଥିସହ ଜରୁରିକାଳୀନ ନମ୍ବର ୧୯୨୯ ଜାରି କରାଯାଇଛି। ମାତ୍ର ବାତ୍ୟା ଆଶ୍ରୟସ୍ଥଳରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଆରମ୍ଭରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଲୋକଙ୍କୁ ଖାଦ୍ୟ ଯୋଗାଇବାରେ ବିଏମ୍‌ସି ଆରମ୍ଭରୁ ଫେଲ୍ ମାରିଥିବାବେଳେ କେତେକ ଆଶ୍ରୟସ୍ଥଳରେ ଲୋକେ ରନ୍ଧାଖାଦ୍ୟ ପାଇ ନ ଥିବା ଜଣାପଡିଛି। ଶେଷ ମୁହୂର୍ତ୍ତରେ ହଠାତ୍ କର୍ପୋରେଟରଙ୍କୁ ଖାଦ୍ୟ ଯୋଗାଡ଼ କରିବାକୁ କହି ଅଧିକାରୀମାନେ ହାତ ଟେକିଦେବାରୁ ଏ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି।

ବାତ୍ୟା ପ୍ରସ୍ତୁତି ବୈଠକରେ ସବୁକିଛି ବିଏମ୍‌ସି କରିଦେବ ବୋଲି ବାହୁସ୍ଫୋଟ ମାରିଥିଲା। ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ଆଣିବା ସହିତ ଅକ୍ଷୟପାତ୍ର ଫାଉଣ୍ଡେଶନ ଦ୍ୱାରା ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଏପରିକି କର୍ପୋରେଟରମାନଙ୍କୁ କୌଣସି କାର୍ଯ୍ୟ କରିବାକୁ ପଡିବ ନାହିଁ ବୋଲି ମଧ୍ୟ କୁହାଯାଇଥିଲା। ମାତ୍ର ଗୁରୁବାର ଅପରାହ୍ନରେ ହଠାତ୍ ନିଜ ଅଞ୍ଚଳର ଲୋକଙ୍କ ବ୍ୟବସ୍ଥା ନିଜେ କର ବୋଲି କର୍ପୋରେଟରମାନଙ୍କୁ କୁହାଯାଇଛି। ଫଳରେ ଲୋକଙ୍କୁ ଶୁଖିଲା ଖାଦ୍ୟ ସହିତ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ କର୍ପୋରେଟରମାନେ ଜୋର୍‌ସୋର୍‌ରେ ଲାଗି ପଡିଛନ୍ତି। ଅନ୍ୟ କେତେକ ଅଞ୍ଚଳରେ ରନ୍ଧା ଖାଦ୍ୟ ଯୋଗାଡ଼ ହୋଇପାରୁ ନ ଥିବାରୁ ଲୋକମାନଙ୍କୁ ଶୁଖିଲା ବିସ୍କୁଟ, ପାଉଁରୁଟି ଦେଇ କର୍ପୋରେଟରମାନେ ବୁଝାଇବାକୁ ଚେଷ୍ଟା କରିଛନ୍ତି। ହେଲେ ଏଥିରେ ଲୋକଙ୍କର ପେଟ ପୂରି ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଏମ୍‌ସିର ଏଭଳି ଦୋ ମୁହାଁ ନୀତିକୁ ନେଇ କେତେଜଣ କର୍ପୋରେଟର ନିଜର ଅସନ୍ତୋଷ ଝାଡ଼ିଛନ୍ତି। ପୂର୍ବରୁ ନ କହି, ଠିକଣା ବେଳକୁ ରନ୍ଧା ଖାଦ୍ୟ ଯୋଗାଅ କହିଲେ ଆମେ କ'ଣ କରିବୁ। କ'ଣ ସୁଇଚ୍ ମାରି ଖାଦ୍ୟ ପ୍ରସ୍ତୁତ କରିଦେବୁ ବୋଲି କେତେଜଣ କର୍ପୋରେଟର ପ୍ରଶ୍ନ କରିଛନ୍ତି।

## ବିସ୍କୁଟ୍‌ରେ ପେଟ ପୂରିଲାନି, ଘରକୁ ଯାଇ ରୋଷେଇ କରି ଖାଇ ଆସିଲୁ

ୟୁନିଟ-୬ସ୍ଥିତ କଲ୍ୟାଣ ମଣ୍ଡପ ବାତ୍ୟା ଆଶ୍ରୟସ୍ଥଳରେ ଗୁରୁବାର ସନ୍ଧ୍ୟା ୭ଟା ସୁଦ୍ଧା ପ୍ରାୟ ୨ଶହ ଲୋକ ଆଶ୍ରୟ ନେଇଥିବାବେଳେ ସେମାନଙ୍କ ଖାଇବା ପାଇଁ ବ୍ୟବସ୍ଥା ହୋଇ ନ ଥିବା ଅଭିଯୋଗ ହୋଇଛି। ରାଧାକୃଷ୍ଣ (ଏ) ବସ୍ତି, ରାଧାକୃଷ୍ଣ (ବି) ବସ୍ତି, ସଡ଼କ ବସ୍ତି, ଶବର ବସ୍ତିର ଲୋକେ ଏଠାରେ ଆଶ୍ରୟ ନେଇଛନ୍ତି। କେତେଜଣ ଲୋକ ବୁଧବାର ରାତିରୁ ଏଠାକୁ ଚାଲି ଆସିଛନ୍ତି। ଅଭିଯୋଗ ଅନୁସାରେ, ସେମାନଙ୍କୁ ବିଏମ୍‌ସି ତରଫରୁ କିଛି ଖାଦ୍ୟ ଦିଆଯାଇ ନାହିଁ। ଗୁରୁବାର ଅପରାହ୍ନରେ ସ୍ଥାନୀୟ କର୍ପୋରେଟର ଲୋକମାନଙ୍କୁ ଗୋଟିଏ ଦୁଇଟି ଲେଖାଏ ବିସ୍କୁଟ ପ୍ୟାକେଟ୍ ବାଣ୍ଟିଥିଲେ। ଆଶ୍ରୟ ନେଇଥିବା ନିଶା ନାୟକ କହିଛନ୍ତି, କାଲି ରାତିରୁ ମୁଁ ଆଉ ମୋ ବୁଢା ସ୍ୱାମୀ ଦୁହେଁ ଆସି ଏଇଠି ଅଛୁ। ହେଲେ କେହି ଆମକୁ କିଛି ଖାଇବାକୁ ଦେଇନାହାନ୍ତି। ଆଜି କର୍ପୋରେଟର ଆସି ଗୋଟେ ବିସ୍କୁଟ୍ ପ୍ୟାକେଟ୍ ଦେଇଗଲେ, ହେଲେ ସେଥିରେ କ'ଣ ଆମ ଦୁଇ ପ୍ରାଣୀଙ୍କ ଭୋକ ମରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଆଉଜଣେ ଛୋଟ ଝିଅ ମଧୁସ୍ମିତା ନାୟକ କହିଛନ୍ତି, କାଳେ ବାତ୍ୟାରେ ଆମ ଘର ଭାଙ୍ଗିଯିବ ବୋଲି ମୋ ଜେଜେଙ୍କ ସହ ଏଠିକି ରହିବାକୁ ଆସିଛି। ବିସ୍କୁଟ ଖାଇଲା ପରେ ବି ଭୋକ ଲାଗିଲା। ତେଣୁ ଘରକୁ ଯାଇ ସେଠି ରୋଷେଇ କରି ଭାତ ଖାଇକି ଆସିଛି। ଖାଇବାକୁ ନ ଦେଲେ, ମୁଁ ଆମ ଘରକୁ ପଳେଇବି। ସେହିପରି ୱାର୍ଡ ନଂ. ୫୮ ଅନ୍ତର୍ଗତ ବ୍ରହ୍ମେଶ୍ୱର ପାଟଣା ହାଇସ୍କୁଲ ଆଶ୍ରୟସ୍ଥଳରେ ଲୋକଙ୍କୁ ନିଜ ହାତରୁ ଖର୍ଚ୍ଚ କରି ସ୍ଥାନୀୟ କର୍ପୋରେଟର ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ଦେଇଥିବା ଦେଖିବାକୁ ମିଳିଥିଲା।

ଦାୟିତ୍ୱରେ ଥିବା ଜୋନାଲ କମିଶନର କୈଳାଶ ବେହେରା କହିଛନ୍ତି, ଗୁରୁବାର ସନ୍ଧ୍ୟାସୁଦ୍ଧା ୫ଶହରୁ ଊର୍ଦ୍ଧ୍ୱ ଲୋକ ବାତ୍ୟା ଆଶ୍ରୟସ୍ଥଳକୁ ଆସିଥିବାବେଳେ ରାତି ସୁଦ୍ଧା ଏହି ସଂଖ୍ୟା ୧୧୫୨କୁ ଛୁଇଁବ ବୋଲି ଆଶା ରହିଛି। ସମସ୍ତ ଆଶ୍ରୟସ୍ଥଳରେ ଖାଦ୍ୟର ବ୍ୟବସ୍ଥା ରହିଛି। ରାତିରେ ସମସ୍ତଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯିବ। ବିଏମ୍‌ସି ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଛି, ତେବେ କିଛି ସ୍ଥାନରେ କର୍ପୋରେଟରମାନେ ନିଜ ଇଚ୍ଛାରେ ଖାଦ୍ୟ ଦେଉଛନ୍ତି। ସେହିପରି ୟୁନିଟ-୬ କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳରେ ସ୍ଥାନାନ୍ତର କରିବା ପୂର୍ବରୁ ଲୋକମାନେ ଆସି ରହିଥିବାରୁ ସେମାନଙ୍କ ପାଇଁ ବ୍ୟବସ୍ଥା ହୋଇ ନ ଥିଲା। ତେବେ ଗୁରୁବାର ରାତିରେ ବ୍ୟବସ୍ଥା କରାଯିବ। ଏସ୍‌ଆର୍‌ସିଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଏହି ସବୁଖର୍ଚ୍ଚ କରାଯାଉଥିବା ଜୋନାଲ୍ କମିଶନର କହିଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳ ସମୀକ୍ଷା କଲେ ସଚିବ

ଭୁବନେଶ୍ୱର,୨୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଗୁରୁବାର ବିଏମସି ଅଞ୍ଚଳରେ ଥିବା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ପ୍ରସ୍ତୁତି ଓ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବାତ୍ୟାଜନିତ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତ ରଖିବା ପାଇଁ ରାଜ୍ୟ ସରକାରଙ୍କ ସକ୍ରିୟ ଆଭିମୁଖ୍ୟର ଏକ ଅଂଶବିଶେଷ ଭାବେ ସେ ଏହି ଗସ୍ତ କରିଥିଲେ। ଗସ୍ତ ସମୟରେ ସଚିବ ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ, ପାଣି ଓ ପ୍ରାଥମିକ ଚିକିତ୍ସା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ସହିତ ବିଦ୍ୟୁତ୍ ବ୍ୟାକଅପ୍ ଏବଂ ପରିମଳ ସୁବିଧାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ବିପର୍ଯ୍ୟୟ ସମୟରେ ନାଗରିକମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଆଶ୍ରୟସ୍ଥଳୀଗୁଡ଼ିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ କାର୍ଯ୍ୟକ୍ଷମ ହେବା ନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇଥିଲେ। ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଶ୍ରୟସ୍ଥଳର ବ୍ୟବସ୍ଥା ବୁଝିଲେ ବିଧାୟକ

ବାଲିଅନ୍ତା,୨୪।୧୦(ନୀଳମାଧବ ସାହୁ)

ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଗୁରୁବାର ବାଲିଅନ୍ତା ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳକୁ ପରିଦର୍ଶନ କରିବା ଆସି ଆନୁଷଙ୍ଗିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ବାତ୍ୟା 'ଦାନା' ପାଇଁ ଏହି ଆଶ୍ରୟସ୍ଥଳୀରେ ତଳି ଅଞ୍ଚଳ ଲୋକ ଓ ଇଟାଭାଟିରେ ରହୁଥିବା ଜିଲ୍ଲା ବାହାର ଶ୍ରମିକ ଓ ବାଲିଅନ୍ତା ହାଟରେ ଆଶ୍ରୟ ନେଇଥିବା ଅନ୍ୟ ରାଜ୍ୟର ୧୨ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏଥିସହିତ ବାଲିଅନ୍ତା ହାଇସ୍କୁଲ ଗୃହରେ ଲୋକଙ୍କୁ ଆଶ୍ରୟ ଦିଆଯାଇଛି। ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସହଯୋଗରେ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏହି ଆଶ୍ରୟସ୍ଥଳ ଓ ବାଲିଅନ୍ତା ହାଇସ୍କୁଲରେ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ରଖାଯାଇଛି। ବିଧାୟକ ମଲ୍ଲିକ ଆଶ୍ରୟସ୍ଥଳରେ ରହିଥିବା ଲୋକଙ୍କ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା ସମ୍ପର୍କରେ ତଦାରଖ କରିଥିଲେ। ସେମାନଙ୍କୁ ଭେଟି ସମସ୍ୟା ବାବଦରେ ପଚାରି ବୁଝିବା ସହ ଦାୟିତ୍ୱରେ ଥିବା ଅଧିକାରୀ ଓ ଲୋକପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ବିଧାୟକଙ୍କ ଆଶ୍ରୟସ୍ଥଳ ପରିଦର୍ଶନ ସମୟରେ ବିଡିଓ ପବିତ୍ର ସାମଲ, ତହସିଲଦାର ବିମଳ ଲେଙ୍କା, ବାଲିଅନ୍ତା ଥାନା ଅଧିକାରୀ ଅଜିତ ସାହୁ, ସରପଞ୍ଚ କୃଷ୍ଣକେଶବ ଆପଟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଜେନାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଆଶ୍ରୟସ୍ଥଳକୁ ମୁଖ୍ୟରାସ୍ତାରୁ ସିଧାସଳଖ ସଂଯୋଗ ନିମନ୍ତେ ଏକ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ଲୋକ ବିଧାୟକଙ୍କ ନିକଟରେ ଦାବି କରିଥିଲେ।

## ଶୁଖିଲା ଖାଦ୍ୟ ବାଣ୍ଟିଲେ କର୍ପୋରେଟର ଗ୍ରୁପ୍



ଭୁବନେଶ୍ୱର,୨୪।୧୦(ବନ୍ଦନା ସେଠୀ)

ବାତ୍ୟା ସମୟରେ ସହାୟତାର ହାତ ବଢାଇଛନ୍ତି ବିଏମ୍‌ସିର ଏକାମ୍ର ଓ ମଧ୍ୟ ନିର୍ବାଚନମଣ୍ଡଳୀର କର୍ପୋରେଟର ଗ୍ରୁପ୍। ଏହି ଗ୍ରୁପ୍ ଗୁରୁବାର ଘରକୁ ଘର ବୁଲି ପ୍ରାୟ ୨୫ଟି ୱାର୍ଡର ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିସ୍କୁଟ, ପାଉଁରୁଟି, ଚୁଡା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛି। ଯେଉଁ ୱାର୍ଡର କର୍ପୋରେଟର ଏକାକୀ ଅଞ୍ଚଳବାସୀଙ୍କ ପାଇଁ ଖାଦ୍ୟ ଯୋଗାଇ ପାରୁନାହାନ୍ତି, ତାଙ୍କୁ ଅନ୍ୟମାନେ ସହଯୋଗ କରୁଛନ୍ତି। ଗୁରୁବାର ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବାବେଳେ ଶୁକ୍ରବାର ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ସମସ୍ତ କର୍ପୋରେଟର ନିଜ ସାଧ୍ୟମତେ ଲୋକଙ୍କ ପାଇଁ ନିଜ ପକେଟ୍‌ରୁ ଖର୍ଚ୍ଚ କରୁଛନ୍ତି। ଏସବୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କରାଯାଉଥିବା କର୍ପୋରେଟରମାନେ କହିଛନ୍ତି।


ଏକାମ୍ର ନିର୍ବାଚନମଣ୍ଡଳୀରେ ଥିବା ଏକ ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କ ପାଇଁ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ବିଧାୟକ ବାବୁ ସିଂ ଅନୁଧ୍ୟାନ କରୁଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)

ବାତ୍ୟା ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବେଳେ ବରିଷ୍ଠ ଅଧିକାରୀଙ୍କୁ ବିଭିନ୍ନ ବ୍ଲକ ଅଞ୍ଚଳ ଦାୟିତ୍ୱ ଦିଆଯାଇଛି। ଭୟଭୀତ ନ ହୋଇ ସତର୍କ ରହିବାକୁ ଜିଲାପାଳ ଚଞ୍ଚଳ ରାଣା ନିବେଦନ କରିଛନ୍ତି। ଗୁରୁବାର ଜିଲାପାଳ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲାପାଳ କହିଛନ୍ତି, ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲାରେ ୧୦ଟି ଅଗ୍ନିଶମ ଟିମ୍ ପ୍ରସ୍ତୁତ ଥିବାବେଳେ ୬ଟି ଓଡ୍ରାଫ ଟିମ୍ ବାଲିଅନ୍ତା, ଜଟଣୀ, ଖୋର୍ଦ୍ଧା, ବେଗୁନିଆ ଏବଂ ଚିଲିକାରେ ମୁତୟନ ହୋଇଛନ୍ତି। ୫୧ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ସହିତ ୩୭୯ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି। ସନ୍ଧ୍ୟା ସୁଦ୍ଧା ୬୬୭ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ୧୭୯ଜଣ ଗର୍ଭବତୀ ଓ ୮ଜଣ ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ନିକଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବାତ୍ୟାରେ ବି ଖୋଲିଲାନି ତୋରଣ ବାଉଁଶ



ବମିଖାଲ ଦୁର୍ଗାପୂଜା ତୋରଣ ଓ ଏକାମ୍ର ହଲ୍ ନିକଟରେ ଥିବା ଲାଇଟ୍ ଗେଟ୍‌ର ବାଉଁଶ ଷ୍ଟ୍ରକ୍‌ଚର।

ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)

ବାତ୍ୟା ସମୟରେ ଧନଜୀବନ ହାନି ଏଡ଼ାଇବାକୁ ବିଏମ୍‌ସି ପକ୍ଷରୁ ବଡ଼ ହୋର୍ଡିଂ ଓ ପୂଜା ତୋରଣ ଖୋଲିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଶାରଦୀୟ ପୂଜାବେଳେ ବିଭିନ୍ନ ସ୍ଥାନରେ ସାଜସଜ୍ଜା ପାଇଁ ନିର୍ମିତ ହୋଇଥିବା ତୋରଣ ଓ ଗେଟ୍‌ର ବାଉଁଶ ଷ୍ଟ୍ରକ୍ଚର ଏବେ ବି ଖୋଲାଯାଇ ନାହିଁ। ତେଣୁ ବାତ୍ୟା ପ୍ରଭାବରେ ହେବାକୁ ଥିବା ବର୍ଷାପବନରେ ଏସବୁ ଭାଙ୍ଗିଯିବାର ଯଥେଷ୍ଟ ଆଶଙ୍କା ରହିଛି। ସହରରେ ଲାଗିଥିବା ବଡ଼ ହୋର୍ଡିଂକୁ ତରବରିଆ ଭାବେ ଖୋଲାଯାଇଥିବାବେଳେ ସୁଉଚ୍ଚ ତୋରଣ ଓ ଲାଇଟ୍ ଗେଟ୍ ପାଇଁ ପୋତା ଯାଇଥିବା ବାଉଁଶ ଷ୍ଟ୍ରକ୍‌ଚରକୁ କଢ଼ା ଯାଉ ନ ଥିଲେ ମଧ୍ୟ ବିଏମ୍‌ସି କୌଣସି ପଦକ୍ଷେପ ନେଇନାହିଁ। ଫଳରେ ପୂଜା ମଣ୍ଡପଗୁଡ଼ିକଠାରୁ କିଛି କିଲୋମିଟର ପର୍ଯ୍ୟନ୍ତ ପୋତାଯାଇଥିବା ବାଉଁଶକୁ ନେଇ ଲୋକେ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ପୁରୁଣା ଭୁବନେଶ୍ୱର, ନୟାପଲ୍ଲୀ, ଶହୀଦନଗର, ବମିଖାଲ, ବଡ଼ଗଡ଼ ସମେତ ବିଭିନ୍ନ ସ୍ଥାନରେ ଏହି ବାଉଁଶ ଷ୍ଟ୍ରକ୍ଚର ରାସ୍ତା ପାର୍ଶ୍ୱରେ ଛିଡା ହୋଇରହିଛି। ଏପରି ଟେଣ୍ଟହାଉସ୍‌ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ଜରୁରିକାଳୀନ ଦାୟିତ୍ୱରେ ଥିବା ବିଏମ୍‌ସିର ଜୋନାଲ କମିଶନର କୈଳାଶ ବେହେରା କହିଛନ୍ତି, ବାଉଁଶ ଖୋଲିବା ପାଇଁ ସ୍ୱତନ୍ତ୍ର ଭାବେ ନିର୍ଦ୍ଦେଶ ରହିଛି। ଆମେ ପ୍ରାୟ ସବୁ ଅଞ୍ଚଳରୁ ବାଉଁଶ ଖୋଲିଦେଉଛୁ। ଯଦି କିଛି ସ୍ଥାନରେ ଏଭଳି ବାଉଁଶ ରହିଥିବ ତୁରନ୍ତ ଏଗୁଡ଼ିକୁ ଖୋଲିବାକୁ ନିର୍ଦ୍ଦେଶ ଦିଆଯିବ।

## ବୁଲା ପ୍ରାଣୀଙ୍କୁ ଭୁଲିଗଲା ବିଏମ୍‌ସି

ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)

ବାତ୍ୟାରେ ଯେପରି କୌଣସି କ୍ଷୟକ୍ଷତି ନ ହେବ, ସେଥିପାଇଁ ବିଏମ୍‌ସି ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଘନଘନ ବୈଠକ ସାଙ୍ଗକୁ କ୍ଷେତ୍ର ପରିଦର୍ଶରେ ବିଏମ୍‌ସି ଅଧିକାରୀ ବ୍ୟସ୍ତ ରହିଛନ୍ତି। ମାତ୍ର ବୁଲା ଗୋରୁ, କୁକୁରଙ୍କ ସୁରକ୍ଷା କଥା ବିଏମ୍‌ସି ଭୁଲି ଯାଇଛି। ବାତ୍ୟା ଓ ଏହା ପ୍ରଭାବରେ ହେବାକୁ ଥିବା ପ୍ରବଳ ବର୍ଷାରେ ସେମାନଙ୍କୁ କିପରି ସୁରକ୍ଷା ଦିଆଯିବ ସେନେଇ କୌଣସି ବ୍ୟବସ୍ଥା କରାଯାଇ ନାହିଁ। କେବଳ ହାତଗଣତି କିଛି ବୁଲା କୁକୁର ଓ ଗୋରୁଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରି ଦାୟିତ୍ୱ ସାରି ଦେଇଛି। କୁକୁରଙ୍କୁ ଏକାଠି ରଖି ହେବନି ଓ ଗୋରୁଙ୍କୁ ମାଲିକମାନେ ଗୁହାଳରେ ରଖିଦେବେ। ତେଣୁ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା ଆବଶ୍ୟକ ନାହିଁ ବୋଲି ଅଧିକାରୀମାନେ କହି ବୁଲୁଛନ୍ତି। ଏପରିସ୍ଥିତିରେ ଲୋକଦେଖାଣିଆ କିଛି ଖାଦ୍ୟ ଦେଇ ଅର୍ଥ ହରିଲୁଟ୍ ପାଇଁ ଯୋଜନା ହେଉଥିବା ଅଭିଯୋଗ ଉଠୁଛି। ଏହାକୁ ନେଇ ପ୍ରାଣୀପ୍ରେମୀମାନେ ଘୋର୍ ନିନ୍ଦା କରିଛନ୍ତି।

## କମିଶନରେଟ ପୋଲିସ ପକ୍ଷରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର

ଭୁବନେଶ୍ୱର,୨୪।୧୦(ସୂର୍ଯ୍ୟକାନ୍ତ ବେହେରା)

**ବସ୍ତି ମିତ୍ର ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି**

ବାତ୍ୟା 'ଦାନା' ଓ ଉପକୂଳକୁ ମାଡ଼ି ଆସୁଛି। ଗୁରୁବାର ମଧ୍ୟରାତ୍ରିରୁ ଶୁକ୍ରବାର ସକାଳ ଭିତରେ 'ଦାନା' ଲ୍ୟାଣ୍ଡଫଲ୍ କରିବ। ତେବେ ଭୀଷଣ ବାତ୍ୟା 'ଦାନା' ପ୍ରଭାବରେ ଭୁବନେଶ୍ୱରରେ ଗୁରୁବାର ରାଜଧାନୀ ଆକାଶ ମେଘାଚ୍ଛନ୍ନ ସହ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲା। ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ କମିଶନରେଟ ପୋଲିସ ପକ୍ଷରୁ ଲୋକଙ୍କୁ ବୁଝାଶୁଝା କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି। ରାଜଧାନୀ ଉପକଣ୍ଠ ଅଞ୍ଚଳଠାରୁ ଆରମ୍ଭ କରି ସହର ମଧ୍ୟରେ ଥିବା ବିଭିନ୍ନ ବସ୍ତି ଅଞ୍ଚଳରେ ଥିବା କଚ୍ଛାଘର, ପାଣି ଜମୁଥିବା ତଳିଆ ଅଞ୍ଚଳ, ଜରି ପାଲ ଟାଙ୍ଗି ରହୁଥିବା ଲୋକଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ସ୍କୁଲ ଘର ଓ ବାତ୍ୟା ଆଶ୍ରୟସ୍ଥଳୀ ଭଳି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ କମିଶନରେଟ ପୋଲିସ ବିଭିନ୍ନ ବସ୍ତିରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ ବସ୍ତି ମିତ୍ରଙ୍କ ସହାୟତା ନେଇ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି । ରିପୋର୍ଟ ଲେଖାବେଳକୁ ବୁଧବାର ରାତିଠାରୁ ଗୁରୁବାର ରାତି ମଧ୍ୟରେ ୨ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


କମିଶନରେଟ୍ ପୋଲିସ ପକ୍ଷରୁ ସ୍ଥାନାନ୍ତରିତ ହୋଇଥିବା ବିଭିନ୍ନ ଅଞ୍ଚଳର ଲୋକ।

## କ୍ୟାପିଟାଲ ହସ୍ପିଟାଲରେ ବ୍ୟାପକ ବ୍ୟବସ୍ଥା

ଭୁବନେଶ୍ୱର,୨୪।୧୦(ବନ୍ଦନା ସେଠୀ)




**ବାତ୍ୟାକାଳୀନ ସ୍ୱାସ୍ଥ୍ୟ ଚିକିତ୍ସା: ଜାରି ହେଲା ଜରୁରୀ ନମ୍ବର**

- କାଜୁଆଲ୍‌ଟିରେ ରହିବେ ୮ ଡାକ୍ତର
- ରୁଟିନ ସର୍ଜରି ବାତିଲ

ବାତ୍ୟାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟସେବାଜନିତ ସ୍ଥିତିର ସଫଳ ମୁକାବିଲା ଲାଗି କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ହସ୍ପିଟାଲର ସମସ୍ତ ଡାକ୍ତର ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯିବା ସହ ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ହସ୍ପିଟାଲର ଡକ୍ଟର୍ସ କମନ୍‌ରୁମ୍‌କୁ କଣ୍ଟ୍ରୋଲ ରୁମ୍ କରାଯିବା ସହ ଯେ କୌଣସି ଜରୁରିକାଳୀନ ସେବା ପାଇଁ ସ୍ୱତନ୍ତ୍ର ନଂ.୯୩୩୭୬୮୬୩୯୬ ଏବଂ ୦୬୭୪-୨୩୯୧୯୮୩ ଜାରି କରାଯାଇଛି। ସୁପରିଣ୍ଟେଣ୍ଡେଣ୍ଟ ଡା. ଧନଞ୍ଜୟ ଦାସ ନୋଡାଲ ଅଫିସର ଭାବେ ନିଯୁକ୍ତ ହୋଇଛନ୍ତି। ବିଶେଷକରି ପେଡିଆଟ୍ରିକ୍, ସ୍ତ୍ରୀ ଓ ପ୍ରସୂତି ବିଭାଗ, ମେଡିସିନ, ସର୍ଜରି, ଆନସ୍ଥେସିଆ, ଅର୍ଥୋପେଡିକ୍ସ, କାଜୁଆଲ୍‌ଟି ଆଦି ବିଭାଗକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜରୁରିକାଳୀନ ସେବା ପାଇଁ ସମସ୍ତ ଡାକ୍ତର, ନର୍ସ, କର୍ମଚାରୀ ପ୍ରମୁଖଙ୍କୁ ନିଜର ମୋବାଇଲ ଫୋନ୍ ଅନ୍ ରଖିବାକୁ କୁହାଯାଇଛି। ବାତ୍ୟାକାଳୀନ ସ୍ୱାସ୍ଥ୍ୟସେବା ସ୍ଥିତିର ମୁକାବିଲା ଲାଗି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆପାତକାଳୀନସ୍ଥିତି ପାଇଁ ହସ୍ପିଟାଲରେ ୧୬ଟି ଜେନେରେଟର ଏବଂ ୩ଟି ମୋବାଇଲ୍ ଜେନେରେଟର ରହିଛି। ପାନୀୟଜଳର ମଧ୍ୟ ବ୍ୟବସ୍ଥା କରାଯାଇଛି। ୬ଟି ଅତିରିକ୍ତ ପାଣି ଟ୍ୟାଙ୍କର ସହିତ ଗୋଟିଏ ଜେସିବିର ବ୍ୟବସ୍ଥା ହୋଇଛି। ସେହିପରି ବାତ୍ୟାରେ ଦୁର୍ଘଟଣାର ଆଶଙ୍କା ରହିଥିବାରୁ କାଜୁଆଲ୍‌ଟିରେ ଡାକ୍ତରଙ୍କ ସଂଖ୍ୟାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ୩ଜଣ ଡାକ୍ତର ରହୁଥିବାବେଳେ ଏବେ ଆଉ ଦୁଇଜଣ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ଏହାବାଦ୍ ମେଡିସିନ୍, ଅର୍ଥପେଡିକ୍ସ, ସର୍ଜରି ଭଳି ବିଭିନ୍ନ ବିଭାଗର ୩ଜଣ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ମିଶାଇ ମୋଟ୍ ୮ଜଣ ଡାକ୍ତର ରହିବେ। ରୋଟିନ୍ ସର୍ଜରିକୁ ବାତିଲ୍ କରାଯାଇଥିବାବେଳେ କେବଳ ଜରୁରିକାଳୀନ ସର୍ଜରି କରାଯିବ। ତେବେ ସ୍ତ୍ରୀ ଓ ପ୍ରସୂତି ବିଭାଗର ସର୍ଜରି ପୂର୍ବପରି ଚାଲୁ ରହିବ। ସେହିପରି ବାତ୍ୟା ପରେ ସାପକାମୁଡ଼ା ରୋଗୀଙ୍କ ସଂଖ୍ୟା ବଢିବା ଆଶଙ୍କା ରହିଛି। ତେଣୁ ହସ୍ପିଟାଲରେ ୨୫୦ ଲୋକଙ୍କ ପାଇଁ ସାପକାମୁଡ଼ା ମେଡିସିନ ମହଜୁଦ୍ ରଖାଯାଇଛି। ଆବଶ୍ୟକ ପଡିଲେ ଆହୁରି ମେଡିସିନ୍‌ର ବ୍ୟବସ୍ଥା କରାଯିବ। ତେବେ ବାତ୍ୟା ପାଇଁ ଏବେ ରୋଗୀ ସଂଖ୍ୟା କିଛି ମାତ୍ରାରେ ହ୍ରାସ ପାଇଛି। ତଥାପି ସମସ୍ତ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ଲାଗି ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ସଜାଗ ଅଛନ୍ତି। ଲାବରେଟୋରି ୨୪ଘଣ୍ଟା ଖୋଲିବା ସହ ଓଆର୍‌ଏସ୍, ସାଲାଇନ୍ ଏବଂ ଅନ୍ୟ ଅତ୍ୟାବଶ୍ୟକ ଔଷଧ ସାମଗ୍ରୀ ମହଜୁଦ୍ ରହିଥିବା ଡା. ଦାସ ସୂଚନା ଦେଇଛନ୍ତି।

# ୧୬୨ ବାତ୍ୟା ଆଶ୍ରୟସ୍ଥଳରେ ୭,୨୨୬ ଲୋକ

**ପୁରୀ,୨୪।୧୦(ଅଜିତ୍ କୁମାର ମହାନ୍ତି)**

ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ଗୁରୁବାର ସନ୍ଧ୍ୟା ସୁଦ୍ଧା ପୁରୀ ଜିଲାର ୧୬୨ ବାତ୍ୟା ଆଶ୍ରୟସ୍ଥଳରେ ୭୨୨୬ ଜଣଙ୍କୁ ରଖାଯାଇଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ସ୍ୱାଇଁ କହିଛନ୍ତି, ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ୭୨୨୬ଜଣ ଲୋକଙ୍କୁ ୧୬୨ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଥିବାବେଳେ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଦିଆଯାଉଛି। ଶୁଖିଲା ଖାଦ୍ୟ ଭାବେ ୧୫.୫ କୁଇଣ୍ଟାଲ ଚୁଡ଼ା ଓ ୧.୬ କୁଇଣ୍ଟାଲ ଗୁଡ଼ ବଣ୍ଟନ ହୋଇଛି। ଜିଲାର ୧୧ ବ୍ଲକର ୫୯ ପଞ୍ଚାୟତର ୧୯୦ଟି ଗ୍ରାମ ଓ ୪ଟି ସହରାଞ୍ଚଳର ୨୯ ୱାର୍ଡର ଲୋକେ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ପାଣିପାଗ ବିଭାଗ ଅନୁସାରେ, ପୁରୀ ଜିଲା ରେଡ୍ ଜୋନରେ ଥିବାରୁ ଲୋକେ ଆଶ୍ରୟ ସ୍ଥଳକୁ ଆସିବାକୁ ଲାଗିଛନ୍ତି। ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ବ୍ଲକର ଦାୟିତ୍ୱ ଦିଆଯାଇଛି। ସେମାନେ ସେଠାରେ ଉଦ୍ଧାର, ଥଇଥାନ ଓ ରିଲିଫ କାର୍ଯ୍ୟ ତଦାରଖ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ


ପୁରୀ ସହରର ଏକ ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

ପ୍ରଭାତୀ ପରିଡ଼ା ବାତ୍ୟାର ସଫଳ ମୁକାବିଲା ନେଇ ସମୀକ୍ଷା କରିବା ସହ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳ ଗସ୍ତ କରି ଅଧିକାରୀମାନଙ୍କୁ ଉପଯୁକ୍ତ ପରାମର୍ଶ ଦେଇଛନ୍ତି। ଜିଲା ପାଇଁ ନିଯୁକ୍ତ ବରିଷ୍ଠ ଅଧିକାରୀ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ ମଧ୍ୟ ଜିଲାର ବିଭିନ୍ନ ସ୍ଥାନକୁ ଯାଇ କାର୍ଯ୍ୟରେ ସହଯୋଗ ଓ ପରାମର୍ଶ ଦେଉଛନ୍ତି। ଜିଲାରେ ଚଳିତ ମାସ ୨୧ରୁ ୨୮ ତାରିଖ ମଧ୍ୟରେ ଗର୍ଭବତୀ ମହିଳାମାନଙ୍କ ମଧ୍ୟରୁ ୪୦୪ ଜଣ ପ୍ରସବ ଦେଇ ସାରିଥିବାବେଳେ ୭୪ ଜଣଙ୍କୁ ଚିକିତ୍ସାଳୟରେ ରଖାଯାଇଛି। ପକ୍କା ଘର ଥିବାରୁ ୩୧ ଜଣ ପ୍ରସବ ସମୟ ଆସିବା ପର୍ଯ୍ୟନ୍ତ ସେମାନଙ୍କ ଘରେ ରହିଛନ୍ତି। ଜିଲାରେ ୧୪ଟି ମେଡିକାଲ ଟିମ, ୧୬ଟି ପ୍ରାଣୀ ଚିକିତ୍ସା ଟିମ୍ ଔଷଧ, ଆଣ୍ଟି ଭେନମ ମେଡିସିନ ସହ ପ୍ରସ୍ତୁତ ଅଛନ୍ତି। ସମୁଦ୍ର ଅଶାନ୍ତ ରହୁଥିବାରୁ ସମୁଦ୍ର କୂଳକୁ କେହି ନ ଯିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଗୁରୁବାର ମଧ୍ୟରାତ୍ରିରେ ବାତ୍ୟା ଲ୍ୟାଣ୍ଡଫଲ୍ କରିବା ପ୍ରକ୍ରିୟା ଆରମ୍ଭ କରିବ। ତେବେ ପୁରୀରେ ଲ୍ୟାଣ୍ଡଫଲ କରିବ ନାହିଁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୨୪ ତାରିଖକୁ ପୁରୀକୁ ଅରେଞ୍ଜ ଜୋନ ଭାବେ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବର୍ଷାକୁ ନେଇ ୨୫ରୁ ୨୬ ତାରିଖ ପର୍ଯ୍ୟନ୍ତ ପୁରୀକୁ ରେଡ ଜୋନ୍ ଭାବେ ସୂଚନା ଦିଆଯାଇଛି। ତେଣୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଜିଲାରେ ୧୨୨ମିଲିମିଟର ବର୍ଷା ହୋଇଛି। ପ୍ରଶାସନର କଟକଣା ସମସ୍ତେ ମାନିବାକୁ ଅନୁରୋଧ କରାଯାଉଛି। ପ୍ରଶାସନ ପକ୍ଷରୁ ହେଲ୍ପ ଲାଇନ ନମ୍ବର ଜାରି ହୋଇଛି। ପୁରୀରେ ବର୍ଷା ପରିମାଣ ବୃଦ୍ଧି ପାଇବ। ତେଣୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଉଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ଭାବେ ଜାରି ରହିଛି। ଭକ୍ତଙ୍କ ଦର୍ଶନ ଉପରେ କୌଣସି କଟକଣା ନାହିଁ। ତେବେ ହବିଷିଆଳିମାନଙ୍କ ଦର୍ଶନ ବନ୍ଦ ରଖାଯାଇଛି। ବର୍ଷା ତଥା ପାଣିପାଗକୁ ଦେଖି ଲୋକେ ସଚେତନ ହେବାକୁ ଅନୁରୋଧ କରାଯାଉଛି। ବାତ୍ୟା ପାଇଁ ପର୍ଯ୍ୟଟକଙ୍କୁ ପୁରୀ ଛାଡ଼ି ନିଜ ଘରକୁ ଫେରିଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ଅଧିକାଂଶ ପର୍ଯ୍ୟଟକ ପୁରୀରୁ ଚାଲିଯାଇଛନ୍ତି। ତେବେ ଯେଉଁମାନେ ହୋଟେଲରେ ଅଛନ୍ତି, ସେମାନେ ସୁରକ୍ଷିତ ରହିଛନ୍ତି। କୌଣସି ସମସ୍ୟା ହେଲେ ପ୍ରଶାସନ ସହ ଯୋଗାଯୋଗ ନିମନ୍ତେ କୁହାଯାଇଛି। ସେହିଭଳି ଯଦି ପର୍ଯ୍ୟଟକ ପୁରୀକୁ ଆସୁଛନ୍ତି ତେବେ ହୋଟେଲରେ ରହିବା ନିମନ୍ତେ ଅନୁମତି ନେବାକୁ ହୋଟେଲଗୁଡ଼ିକୁ ସୂଚନା ଦିଆଯାଇଛି ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଦିନତମାମ ଜିଲାପାଳ ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ।


ଗୁରୁବାର ପୁରୀ ଏମ୍‌ପି ସମ୍ବିତ ପାତ୍ର ଏକ ହବିଷିଆଳି କେନ୍ଦ୍ର ପରିଦର୍ଶନ କରୁଛନ୍ତି ।

## ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନକଲେ ସମୀର

**ନିମାପଡ଼ା,୨୪।୧୦(ରଞ୍ଜନ ପଟ୍ଟନାୟକ)**

ବାତ୍ୟା 'ଦାନା'ର ମୁକାବିଲା ନିମନ୍ତେ ରାଜ୍ୟ ସରକାର ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ପ୍ରଶାସନର ନିର୍ଦ୍ଦେଶରେ ସ୍ଥାନୀୟ ପ୍ରଶାସନ ବୁଧବାରଠାରୁ ପାଖାପାଖି ୩ ହଜାର ବିପନ୍ନଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ଥଇଥାନ କରିଛି। ଆଶ୍ରୟସ୍ଥଳରେ ବିପନ୍ନମାନେ କେମିତି ରହୁଛନ୍ତି, ସେନେଇ ଗୁରୁବାର ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ ସମସ୍ତ ଆଶ୍ରୟସ୍ଥଳ ପରିଦର୍ଶନକରି ବିପନ୍ନଙ୍କ ସହ ଆଲୋଚନା କରିଥିଲେ।

## ଜନଶୂନ୍ୟ ହୋଇପଡ଼ିଛି ବଡ଼ଦାଣ୍ଡ, ବେଳାଭୂମି

**ପୁରୀ, ୨୪।୧୦(ଅଜିତ୍ କୁମାର ମହାନ୍ତି)**

ବାତ୍ୟା 'ଦାନା' ପ୍ରଭାବରେ ବୁଧବାର ରାତିରୁ ପୁରୀରେ ବର୍ଷା ଲାଗିରହିଛି। ସମୁଦ୍ର ଅଶାନ୍ତ ରହିବା ସହ ବଡ଼ ବଡ଼ ଜୁଆର ହେଉଛି। ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ସମୁଦ୍ର ସ୍ନାନ ଉପରେ କଟକଣା ଲଗାଯାଇଛି। ଅଗ୍ନିଶମ ବିଭାଗ, ଲାଇଫଗାର୍ଡ ଓ ପୋଲିସ ପକ୍ଷରୁ ସମୁଦ୍ର କୂଳରେ ଲାଲ ପତାକା ଲଗାଇ ପର୍ଯ୍ୟଟକଙ୍କୁ ସଚେତନ କରାଯାଉଛି। ଗୁରୁବାର ଆକାଶ ମେଘାଚ୍ଛନ୍ନ ରହିବା ସହ ତୁହାକୁ ତୁହା ବର୍ଷା ହୋଇଥିଲା। ଦିନ ଗଡ଼ିବା ସହ ବର୍ଷା ଓ ପବନର ପ୍ରଭାବ ବୃଦ୍ଧି ପାଇଥିଲା। ବାତ୍ୟାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମୁଦ୍ରକୂଳିଆ ଓ ତଳି ଅଞ୍ଚଳର କଚ୍ଚା ଘରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇଦିଆଯାଇଛି। ଅପରପକ୍ଷରେ ଦିନତମାମ ବର୍ଷା ଲାଗି ରହିଥିବାରୁ ପୁରୀ ପ୍ରାୟତଃ ଖାଁ ଖାଁ ହୋଇ ପଡ଼ିଥିଲା। ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଅନେକ ଦୋକାନ ବଜାର ବନ୍ଦ ରହିଥିଲା। ହବିଷିଆଳି କେନ୍ଦ୍ରରେ ରହି କାର୍ତ୍ତିକ ବ୍ରତ କରୁଥିବା ହବିଷିଆଳିମାନଙ୍କୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ତେଣୁ ସେମାନେ କେନ୍ଦ୍ରରେ ରହି ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ କରିଥିଲେ। ବେଳାଭୂମି ଟାୱାରଗୁଡ଼ିକରେ ଲାଇଫଗାର୍ଡ ରହି ସମୁଦ୍ର ତଥା ବେଳାଭୂମି ଉପରେ ନଜର ରଖିଥିଲେ। ଲାଇଫ ଗାର୍ଡମାନଙ୍କୁ ସହଯୋଗ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ କେନ୍ଦ୍ର ବୁଲି ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ଭାବେ ଜାରି ରହିଛି। ତେବେ ଭକ୍ତଙ୍କ ସଂଖ୍ୟା କମ୍ ରହିଥିଲା। ଟ୍ରେନ ଚଳାଚଳ ବାତିଲ କରାଯାଇଥିବାରୁ ପୁରୀ ଷ୍ଟେଶନ ଏକପ୍ରକାର ଜନଶୂନ୍ୟ ଥିଲା। ବାତ୍ୟାକୁ ଦୃଷ୍ଟିରେ ଜିଲାରେ ୨ ଓଡ୍ରାଫ ଟିମ୍, ୨ ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ଅଗ୍ନିଶମ ବିଭାଗର ଅତିରିକ୍ତ ଟିମ୍ ମୁତୟନ ରହିଛନ୍ତି। ଜିଲାରେ ସମୁଦାୟ ୨୬ ଟିମ୍ ବିପର୍ଯ୍ୟୟ ମୁକାବିଲା କରିବା ନିମନ୍ତେ ମୁତୟନ ରହିଛନ୍ତି। ସମସ୍ତ ୧୧ଟି ବ୍ଲକ୍ ସମେତ ଅତିରିକ୍ତ ୬ଟି ଫାୟାର ଟିମ୍ ମୁତୟନ ରହିଛନ୍ତି। ରାଜସ୍ୱ, ପୋଲିସ, ଭେଟେନାରି ଟିମ୍ ପ୍ରସ୍ତୁତ ରହିବା ସହିତ ୮୦୦ ଦକ୍ଷ ମାନବ ସମ୍ବଳ ସମ୍ପନ୍ନ ଟିପିସିଓଡିଏଲ ଟିମ୍ ପ୍ରସ୍ତୁତ ରହିଛି।

# ଭାଙ୍ଗିଲା ଗଛ, ଉଡ଼ିଲା ଛପର

## ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

**ଅସ୍ତରଙ୍ଗ, ୨୪।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**


ଆଳସାହି ପଞ୍ଚାୟତର ଅସନ ଗ୍ରାମରେ ଭାଙ୍ଗିପଡିଥିବା ଏକ ଗଛ କଟାଯାଉଛି ।

ବାତ୍ୟା 'ଦାନା' ସ୍ଥଳଭାଗ ଆଡ଼କୁ ଆସିବା ପୂର୍ବରୁ ଅସ୍ତରଙ୍ଗରେ ତୋଡ଼ ଦେଖାଇଛି। ବୁଧବାର ବିଳମ୍ବିତ ରାତ୍ରରୁ ଅସ୍ତରଙ୍ଗ ଅଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ଆରମ୍ଭ ହୋଇଯାଇଛି। ଦାନା କ୍ରମଶଃ ସ୍ଥଳଭାଗକୁ ଆସୁଥିବାବେଳେ ସମୁଦ୍ରରେ ଉଚ୍ଚ ଜୁଆର କୂଳ ଲଙ୍ଘୁଛି। ଗୁରୁବାର ପୂର୍ବାହ୍ନରୁ ବର୍ଷା ସହ ଜୋର୍ ପବନ ବୋହୁଛି। ପବନରେ ଆଳସାହିସ୍ଥିତ ଐଶାନେଶ୍ୱର ହାଇସ୍କୁଲ ସାମ୍ନାରେ ଏକ ବଡ଼ ଗଛ ଭାଙ୍ଗିପଡ଼ିଛି। ଫଳରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ପାଟସୁନ୍ଦରପୁର, ଅସ୍ତରଙ୍ଗ ଅଞ୍ଚଳର କେତେକ ସ୍ଥାନରେ ଗଛଡାଳ ଭାଙ୍ଗି ପଡ଼ିରହିଥିଲା। ଖବର ପାଇ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଗଛ କାଟି ସଫା କରିଥିଲେ। ସମୁଦ୍ର ଉପକୂଳବର୍ତ୍ତୀ ତଣ୍ଡାହାର ଓ କେଉଟଜଙ୍ଘା ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ରଖାଯାଇଛି। ଗୁରୁବାର ଅପରାହ୍ନ ସୁଦ୍ଧା ପୁରୀ ଜିଲାର ୧୦୪ଟି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ଥିବାବେଳେ ୬୪୯୮ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଅସ୍ତରଙ୍ଗ ବ୍ଲକରେ ୫ ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଗସ୍ତ କରି ବ୍ଲକ କାର୍ଯ୍ୟାଳୟରେ ସଚିବ ବଲୱନ୍ତ ସିଂ, ପୁରୀ ବନଖଣ୍ଡ ଅଧିକାରୀ ବିବେକ କୁମାର, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନଙ୍କ ସହିତ ୧୫ଟି ପଞ୍ଚାୟତରେ ସ୍ଥିତି କିପରି ରହିଛି ସେ ନେଇ ଆଲୋଚନା କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ପରିଡା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସହ ଶିଶୁଅ ପଞ୍ଚାୟତର କେଉଟଜଙ୍ଘା ବାତ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚି ଲୋକଙ୍କୁ ଭେଟି ସବୁିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ତଣ୍ଡାହାର ବାତ୍ୟା ଆଶ୍ରୟସ୍ଥଳୀ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଅସ୍ତରଙ୍ଗ ତହସିଲଦାର ବିଭିନ୍ନ ତଳିଆ ଅଞ୍ଚଳ ନଗର, ନୂଆଗଡ, ତାଳଦା, ଡ଼ାଲୁଅକଣି, ସହନ, ତଣ୍ଡାହାର ସମେତ ବିଭିନ୍ନ ସ୍ଥାନ ଯାଇ ସ୍ଥିତି ପରଖିଥିବାବେଳେ ପୋଲିସ ପ୍ରଶାସନ ତରଫରୁ ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ମଧ୍ୟ ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ ପ୍ରମୁଖଙ୍କ ସହ ସ୍ଥିତି ଅନୁଧ୍ୟାନ କରିଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କେଉଟଜଙ୍ଘା ତଣ୍ଡାଘର ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

## ମୌଳିକତା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଛି ପୁରୀ



ଜିଲା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ପୁରୀ,୨୪।୧୦(ଅଜିତ୍ କୁମାର ମହାନ୍ତି)**

ସାମାଜିକ ଅନୁଷ୍ଠାନ 'ସଚେତନ ନାଗରିକ ମଞ୍ଚ' ପକ୍ଷରୁ ବୁଧବାର ସଂସ୍କୃତି ଭବନରେ ପୁରୀ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଭାଜପା ଜିଲା କାର୍ଯ୍ୟକାରୀ ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରେଇ, ବିଜେଡି ନେତା ଷ୍ଟାଲିନ ପରିଜା, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ଦାଶ, ସଚେତନ ନାଗରିକ ମଞ୍ଚ ଉପଦେଷ୍ଟା ଚକ୍ରଧର ମହାପାତ୍ର, ସାମ୍ବାଦିକ ରାଜକୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷାବିତ ଓ ଉପଦେଷ୍ଟା ଶିବସୁନ୍ଦର ମିଶ୍ର ସଭା ପରିଚାଳନା କରିଥିବା ବେଳେ ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ପୁରୀ ଜାତୀୟ ଓ ଅନ୍ତର୍ଜାତୀୟ ମାନଚିତ୍ରରେ ଏକ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ଭାବେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଭୌଗୋଳିକ ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ ଥିବାରୁ ବ୍ରିଟିଶ୍ ଶାସନ କାଳରୁ ପୁରୀ, ନୟାଗଡ଼ ଓ ଖୋର୍ଦ୍ଧାକୁ ନେଇ ଅବିଭକ୍ତ ପୁରୀ ଜିଲା ଗଠନ କରାଯାଇଥିଲା। ୧୮୦୪ରେ ବ୍ରିଟିଶ ସରକାର ପ୍ରଥମେ କଟକ, ବାଲେଶ୍ୱର ଓ ଜଗନ୍ନାଥ ନାମରେ ତିନୋଟି ଜିଲା ଗଠନ କରିଥିଲେ। ପରେ ୧୮୨୮ ଅକ୍ଟୋବର ୨୩ରେ ବିଧିବଦ୍ଧ ଭାବେ ଜିଲାର ନାମ ପୁରୀ ରଖାଗଲା। ପୁରୀ ନିଜର ପ୍ରାଚୀନତା, ମୌଳିକତା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଛି। ବିଗତ ସରକାର ପୁରୀ ଜିଲାର ଉନ୍ନତି ପାଇଁ ବିଭିନ୍ନ ଯୋଜନା କରିଥିବାବେଳେ ବର୍ତ୍ତମାନ ସରକାର ମଧ୍ୟ ପୁରୀର ଉନ୍ନତି ନିମନ୍ତେ ପ୍ରୟାସରତ। କିନ୍ତୁ ଦୁଃଖର ବିଷୟ ଯେ, ସରକାରୀ ଭାବେ ଜିଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ଏପର୍ଯ୍ୟନ୍ତ ବ୍ୟବସ୍ଥା ହୋଇନାହିଁ। ଏହାକୁ ଉପଲବ୍ଧି କରି ପୁରୀ ସହରର ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଜାଗା ଆଖଡ଼ା ଆଦି ମିଳିତ ସହଯୋଗରେ 'ସଚେତନ ନାଗରିକ ମଞ୍ଚ' ପକ୍ଷରୁ ଗତବର୍ଷଠାରୁ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଶିକ୍ଷାବିତ୍ ଡ. ଅଭିମନ୍ୟୁ ଭୂୟାଁ, ପୁରୀ ଓକିଲ ସଂଘ ଯୁଗ୍ମସମ୍ପାଦକ ବିଶ୍ୱଜିତ ପ୍ରଧାନ, ଜଗନ୍ନାଥ ଭକ୍ତ ପରିଷଦ ଆବାହକ ସୂର୍ଯ୍ୟନାରାୟଣ ରଥ, ଏଏପି ଜିଲା ସଭାପତି ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଚେତନ ନାଗରିକ ମଞ୍ଚ ସମ୍ପାଦକ ଧନ୍ୟବାଦ ଦେଇଥିଲେ। ଗୋପ ଶାଖା ସଭାପତି ସଚ୍ଚିଦାନନ୍ଦ ଗୋଚ୍ଛାୟତ, ଉପସଭାପତି ଲଲାଟେନ୍ଦୁ ମିଶ୍ର, ସହସମ୍ପାଦକ ଅଶୋକ ଆଢ଼୍ୟ, ସୁବୋଧ ସୁବୁଦ୍ଧି ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

### ସରକାରୀ ଭାବେ ଜିଲା ପ୍ରତିଷ୍ଠା ଦିବସ ପାଳନ ଦାବି

## ଅତିରିକ୍ତ ଜିଲାପାଳଙ୍କ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ

**ନିମାପଡ଼ା,୨୪।୧୦**
**(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)**

ବାତ୍ୟା ପରିପ୍ରେକ୍ଷୀରେ ନିମାପଡ଼ା ବ୍ଲକ ଏନ୍‌ଏସି ପ୍ରଶାସନ ପକ୍ଷରୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ୯୦୦ ଲୋକଙ୍କୁ ଗଡ଼ତୋରିହଁ, ବଡ଼ମାଛପୁର, ଧନୁଆଁ ବଉଳପଦା ଆଦି ୩ ଆଶ୍ରୟସ୍ଥଳ, ବିଭିନ୍ନ ସ୍କୁଲ କଲେଜ, ଅଙ୍ଗନୱାଡି କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେହିପରି ନିମାପଡ଼ା କଲେଜ, ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ କେତେକ ସ୍କୁଲକୁ ମଧ୍ୟ ମାଟି, ଟିଣ, ଚାଳଛପର ଘରେ ଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରିଛି। ବିଭିନ୍ନ ଆଶ୍ରୟସ୍ଥଳରେ ଥିବା ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ, ବିସ୍କୁଟ, ପାଉଁରୁଟି, ଚୁଡ଼ା ସମେତ ବିଭିନ୍ନ ଶୁଖିଲା ଖାଦ୍ୟର ସୁବ୍ୟବସ୍ଥା କରାଯାଇଥିବା ବିଡିଓ ଅଭିଜିତ୍ ଷଡ଼ଙ୍ଗୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ପୁରୀ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ ବିଭିନ୍ନ ଆଶ୍ରୟସ୍ଥଳ ପରିଦର୍ଶନ କରି ଲୋକଙ୍କ ଅଭାବ ଅସୁବିଧା କଥା ବୁଝିଥିଲେ। ବ୍ଲକ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ଏକ ସମୀକ୍ଷା ବୈଠକରେ ଯୋଗଦେଇ ବାତ୍ୟା ମୁକାବିଲା ସମ୍ପର୍କରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଅଧିକାରୀ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଡିଓ ଷଡ଼ଙ୍ଗୀ, ଆଇଆଇସି ବାମଦେବ ସ୍ୱାଇଁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଚାର୍ଯ୍ୟ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ତହସିଲଦାର ବସନ୍ତ ହାତୀ, ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଯଚିନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା ଆଶ୍ରୟସ୍ଥଳରେ ସ୍ଥିତି ସମୀକ୍ଷାକଲେ ବିଧାୟକ

**ସାକ୍ଷୀଗୋପାଳ,୨୪।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ସାମୁଦ୍ରିକ ବାତ୍ୟା 'ଦାନା' ପାଇଁ ଗୁରୁବାର ସନ୍ଧ୍ୟା ସୁଦ୍ଧା ସତ୍ୟବାଦୀ ପ୍ରଶାସନ ଦ୍ୱାରା ଚିହ୍ନଟ ୧୦ ପ୍ରଭାବିତ ପଞ୍ଚାୟତରୁ ୭୦୪ ଜଣ ଲୋକଙ୍କୁ ଉଦ୍ଧାର କରି ୧୮ ବାତ୍ୟା ଆଶ୍ରୟସ୍ଥଳକୁ ପଠାଯାଇଛି। ସେଥିମଧ୍ୟରେ ୧୨୧ ଜଣ ଶିଶୁ ଅଛନ୍ତି। ସତ୍ୟବାଦୀ ବ୍ଲକରେ ବାତ୍ୟା ପରିଚାଳନା ନିମନ୍ତେ ଏକ କଣ୍ଟ୍ରୋଲ ରୁମ୍ ପ୍ରସ୍ତୁତ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ଲୋକଙ୍କୁ ରନ୍ଧା ଖାଦ୍ୟ, ବିଦ୍ୟୁତ୍ ବ୍ୟବସ୍ଥା ସହ ରୋଗୀ ଓ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଡାକ୍ତର ଦଳ ରହିଛନ୍ତି।


ବିଧାୟକଙ୍କ ସହ ବିଡିଓ, ଥାନା ଅଧିକାରୀ, ତହସିଲଦାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବ୍ଲକସ୍ତରରୁ ୨୪ ପଞ୍ଚାୟତରେ ୨୪ ଜଣ ସୁପରଭାଇଜର ବାତ୍ୟା ସମ୍ପର୍କିତ ସବିଶେଷ ତଥ୍ୟ ଗ୍ରହଣ କରିବାକୁ ନିୟୋଜିତ ରହିଛନ୍ତି। ଗୁରୁବାର ସକାଳୁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ନିଜେ ଉପସ୍ଥିତ ରହି ବାତ୍ୟା ପରିଚାଳନାର ସମୀକ୍ଷା କରିବା ସହ ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ଭେଟିଥିଲେ। ବିଧାୟକଙ୍କ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଦୀପକ ଶତପଥୀ ଉମେଶ ପ୍ରଧାନଙ୍କ ସହ ତହସିଲଦାର ଆଲୋକ ଦେହୁରୀ, ବିଡିଓ ଲିପ୍ସା ରାୟ, ଥାନା ଅଧିକାରୀ ଉମେଶ ସାହୁ ପ୍ରମୁଖ ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ଭେଟି ବୁଝାଶୁଝା କରି ବାତ୍ୟା ଆଶ୍ରୟସ୍ଥଳକୁ ଆଣୁଥିବା ଦେଖାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କ ସଂଖ୍ୟା ଆହୁରି ବଢିବ ବୋଲି ବିଡିଓ ରାୟ ପ୍ରକାଶ କରିଛନ୍ତି।


**ବାତ୍ୟା ପ୍ରଭାବ:** ଗୁରୁବାର ପୁରୀ ବେଳାଭୂମି ଜନଶୂନ୍ୟ ହୋଇପଡିଛି ।


ଅଶାନ୍ତ ହୋଇପଡିଥିବା ପୁରୀ ସମୁଦ୍ର ।

## ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ କାର୍ଯ୍ୟକ୍ଷମ

**ବଳଙ୍ଗା,୨୪।୧୦(କେଦାରେଶ୍ୱର ନନ୍ଦ)**

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ମୁକାବିଲା ପାଇଁ ବଳଙ୍ଗା ପଞ୍ଚାୟତରେ ୩ଟି ବାତ୍ୟା ଆଶ୍ରୟସ୍ଥଳ ବଳଙ୍ଗା ପ୍ରାଇମେରି ସ୍କୁଲ, ଅରେଇସାହି ପ୍ରାଇମେରି ସ୍କୁଲ, ନୂଆ ଗୋପାଳପୁର ପ୍ରାଇମେରି ସ୍କୁଲ ପ୍ରସ୍ତୁତ ହୋଇଛି। ସମସ୍ତ ଗ୍ରାମରେ ଥିବା ଅଙ୍ଗନୱାଡି ଓ ସ୍କୁଲକୁ ମଧ୍ୟ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ରୂପେ ନିଆଯାଇଛି। କଚ୍ଚାଘରେ ରହୁଥିବା ସମସ୍ତ ଲୋକଙ୍କୁ ଗୁରୁବାର ସକାଳୁ ନିଜର ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଦରକାରୀ କାଗଜପତ୍ର ସହ ବାତ୍ୟା ଆଶ୍ରୟସ୍ଥଳୀରେ ରହିବାକୁ କୁହାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳ ବୁଲି ତଦାରଖ କରିଛନ୍ତି। ସେହିପରି ନୂଆସନ୍ଧ, ଉଚ୍ଛୁପୁରୁ, କୋଠକୁସାଙ୍ଗ, ଗୋପୀନାଥପୁର, ସାଇଶ ଶାସନ, ହରିପୁର ଆଦି ପଞ୍ଚାୟତର ସମସ୍ତ ସରପଞ୍ଚ, ରାଜସ୍ୱ ନିରୀକ୍ଷକ, କାର୍ଯ୍ୟନିର୍ବାହୀ ଅଧିକାରୀ, ଅଙ୍ଗନୱାଡି ଦିଦି, ଶିକ୍ଷକ, ସେବିକା, ଆଶା କର୍ମୀ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳରେ ରହି କଚ୍ଚା ଘରେ ରହୁଥିବା ଲୋକଙ୍କୁ ଆଣି ରଖି ତଦାରଖ କରିବା ସହ ଉପସ୍ଥିତ ଅଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୧୦।୨୦୨୪

| | |
|---|---|
| ୧,୨୫,୭୨୪ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ମାଲଗୋଦାମ, ଛତ୍ରବଜାରରେ ଦର ପରଖିଲେ ମନ୍ତ୍ରୀ

## ଗୋଦାମରେ ଚଢ଼ାଉ, ୫ ମାଲିକଙ୍କୁ ନୋଟିସ

କଟକ,୨୪।୧୦ (କାର୍ତ୍ତିକ ସାହୁ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ସନ୍ଧ୍ୟାରେ ଅଚାନକ କଟକ ଗସ୍ତ କରିଛନ୍ତି। ମାଲଗୋଦାମର ବିଭିନ୍ନ ଗୋଦାମ ଏବଂ ଛତ୍ରବଜାର ଆଳୁ ଗୋଦାମରେ ଚଢ଼ାଉ କରି ଗଚ୍ଛିତ ସାମଗ୍ରୀର ସ୍ଥିତି ଯାଞ୍ଚ କରିଛନ୍ତି। ଏଠାରେ ପ୍ରଚୁର ପରିମାଣର ସାମଗ୍ରୀ ମହଜୁଦ ରହିଛି ଏବଂ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନାବଶ୍ୟକ ଭାବେ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବୃଦ୍ଧି ନ କରି ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ସହଯୋଗ କରିବାକୁ ଗୋଦାମ ମାଲିକ ଏବଂ ବ୍ୟବସାୟୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ଗୋଦାମ ଓ ଦୋକାନରେ ସାମଗ୍ରୀର ମୂଲ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ସେ କହିଛନ୍ତି। ଏହାର ଖିଲାପ କରିଥିବା ୫ଟି ଗୋଦାମର ମାଲିକଙ୍କୁ ନୋଟିସ ଜାରି କରାଯାଇଛି। ବାତ୍ୟାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ରୋକିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବା ସହ ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ବିଭାଗୀୟ ଅଧିକାରୀମାନେ ଅନେକ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ଯୋଗାଣ ଅଧିକାରୀମାନେ ଉପସ୍ଥିତ ଥିଲେ।



ଛତ୍ରବଜାର ଅଞ୍ଚଳରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅତ୍ୟାବଶ୍ୟକ ସାମଗ୍ରୀର ତଦାରଖ କରୁଛନ୍ତି।

## ୨୬ରୁ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର,୨୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ) - ତ୍ରିଧାରାର ୧୮ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୨୬ ଓ ୨୭ ତାରିଖରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଚଳିତବର୍ଷ ଓଡ଼ିଶୀ ନୃତ୍ୟରେ ପଦ୍ମଶ୍ରୀ ମାୟାଧର ରାଉତ, ଓଡ଼ିଶୀ ସଙ୍ଗୀତରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ମର୍ଦ୍ଦଳରେ ଗୁରୁ ହରମୋହନ ଖୁଣ୍ଟିଆ ଓ ନାଟ୍ୟ ସାହିତ୍ୟରେ ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ଆଜୀବନ ସାଧନା ନିମନ୍ତେ 'ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ୨୦୨୪' ପ୍ରଦାନ କରାଯିବ। ସେହିପରି ଗୁରୁ ଦେବପ୍ରଦାସ ସମ୍ମାନ ୨୦୨୪ରେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ, ପଦ୍ମଶ୍ରୀ ଚିତ୍ରା ବିଶ୍ୱେସରନ, ପଦ୍ମଶ୍ରୀ ରାମଲାଲ ବରେଥ ଏବଂ ପଦ୍ମଶ୍ରୀ ଗୁରୁ ଭାଗବତ ପ୍ରଧାନଙ୍କୁ ପ୍ରଦାନ କରାଯିବ। ଏଥିସହ ଭାରତନାଟ୍ୟମ୍ ନୃତ୍ୟରେ ଅଜିଥ ଭାସ୍କର, କଥକରେ ରୂପାରାଣୀ ଦାସ ବୋରାହ, ବେହେଲା ବାଦନରେ ତେଜସ ଉପାଧ୍ୟାୟ ଏବଂ ଓଡ଼ିଶୀ ନୃତ୍ୟରେ ବିକ୍ନେଶ୍ୱରମ ଗୁଣସାଗରଙ୍କୁ ପ୍ରଦାନ କରାଯିବ। ଏ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଗୁରୁ ଗଜେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।



ବାତ୍ୟା ପ୍ରଭାବରେ ଗୁରୁବାର ପୁରୀରେ ଦିନସାରା ବର୍ଷା ଲାଗି ରହିଥିବାରୁ ବଡ଼ଦାଣ୍ଡ ଖାଁଖାଁ ଦେଖିବାକୁ ମିଳିଥିଲା।

## ମାଟି କାନ୍ଥ ପଡ଼ି ଚାଷୀଙ୍କ ଗୋଡ଼ ଭାଙ୍ଗିଲା

ନିମାପଡ଼ା,୨୪।୧୦(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)- ବାତ୍ୟା ଯୋଗୁ ବର୍ଷା, ପବନ ହେଉଥିବାବେଳେ ନିମାପଡ଼ାରେ ମାଟି କାନ୍ଥ ପଡ଼ି ଜଣେ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ ନିମାପଡ଼ା ଏନ୍‌ଏସି ଅଧୀନ ୧ନଂ. ୱାର୍ଡ ପାଟପୁର ପରିଡ଼ା ସାହିର କାଳନ୍ଦୀ ପରିଡ଼ା(୬୫)। କାଳନ୍ଦୀ ଘରେ ମଧ୍ୟାହ୍ନ ସମୟରେ ବସିଥିବାବେଳେ ହଠାତ୍ କଚ୍ଚା ଚାଳଘରର ମାଟିକାନ୍ଥ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ପରିବାର ଲୋକେ ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। କାନ୍ଥ ପଡ଼ି କାଳନ୍ଦୀଙ୍କ ଡାହାଣ ଗୋଡ଼ ଭାଙ୍ଗିବା ସହ ମୁଣ୍ଡ ଫାଟିଯାଇଥିବାବେଳେ ଛାତିରେ ଶକ୍ତ ଆଘାତ ଲାଗିଛି। ସ୍ୱାସ୍ଥ୍ୟାବ୍ୟସ୍ଥା ବିଗିଡିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଏନ୍‌ଏସି କର୍ତ୍ତୃପକ୍ଷ ଓ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯିବା ସହ ସହାୟତା ପାଇଁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜଗନ



@ ନରସିଂହ



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଉଡ଼ାଣବେଳେ ବିମାନରେ ଫଟୋ ଉଠାକୁ ନେଇ ବଚସା

### ବିମାନ ଅବତରଣ କରାଇ ପୁରୁଷ ଯାତ୍ରୀଙ୍କୁ ଓହ୍ଲାଇଦେଲେ

ଭୁବନେଶ୍ୱର,୨୪।୧୦ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଗୁରୁବାର ଭିସ୍ତାରା ଏୟାରଲାଇନ୍ସର ଏକ ଫ୍ଲାଇଟ୍ ଦିଲ୍ଲୀ ଯାଉଥିବା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଫ୍ଲାଇଟ୍‌ଟି ଉଡ଼ାଣ ଭରିବା ବେଳେ ଜଣେ ପୁରୁଷ ଯାତ୍ରୀ ଫଟୋ ଉଠାଉଥିବାର ଦେଖିବାକୁ ମିଳିଥିଲା। ଏଥିରୁ ବାରଣ କରାଯିବାରୁ କ୍ରିୟୁ ସଦସ୍ୟ ଓ ସମ୍ପୃକ୍ତ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରିୟୁ ସଦସ୍ୟଙ୍କ ସହ ଏଭଳି ଦୁର୍ବ୍ୟବହାର ପାଇଁ ପୁଣି ଉକ୍ତ ବିମାନକୁ ଭୁବନେଶ୍ୱର ଏୟାରପୋର୍ଟକୁ ଫେରାଯିବା ସହ ଯାତ୍ରୀ ଜଣଙ୍କୁ ବିଦା କରାଯାଇଥିଲା।

ମିଳିଥିବା ସୂଚନା ଅନୁସାରେ ଉକ୍ତ ଭିସ୍ତାରା ଫ୍ଲାଇଟ୍‌ଟି ଦିନ ପ୍ରାୟ ୧ଟା ୧୫ ବେଳେ ଏୟାରପୋର୍ଟରୁ ଦିଲ୍ଲୀକୁ ଉଡ଼ାଣ କରିଥିଲା। ସମ୍ପୃକ୍ତ ଯୁବକ ଜଣଙ୍କ ତାଙ୍କର ଜଣେ ଯୁବତୀ ସାଥୀଙ୍କ ସହ ଫ୍ଲାଇଟ୍‌ରେ ବସିଥିଲେ। ଏହି ସମୟରେ ଯୁବକ ଜଣଙ୍କ ମୋବାଇଲ୍‌ରେ ଫଟୋ ଉଠାଇଥିଲେ। ଉଡ଼ାଣବେଳେ ସୁରକ୍ଷା ଦୃଷ୍ଟିରୁ ଫଟୋ ଉଠାଇବା ବାରଣ ବୋଲି ସେଠାରେ ଉପସ୍ଥିତ ଥିବା କ୍ରିୟୁ ସଦସ୍ୟ ତାଗିଦ୍ କରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କ୍ରିୟୁ ସଦସ୍ୟ ଜଣଙ୍କ ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ମାତ୍ର ଯାତ୍ରୀ ଜଣଙ୍କ ମୋବାଇଲ ଫେରି ପାଇବା ପାଇଁ କ୍ରିୟୁ ସଦସ୍ୟଙ୍କ ସହ ଝିଙ୍କାଝିଙ୍କି ସ୍ଥିତି ସୃଷ୍ଟି କରିଥିଲେ। ବିମାନଟି ଅଳ୍ପ ସମୟ ପାଇଁ ଉଡ଼ାଣ କରିଥିବାରୁ ବାଧ୍ୟ ହୋଇ ପୁଣି ଉକ୍ତ ବିମାନକୁ ଭୁବନେଶ୍ୱର ଏୟାରପୋର୍ଟକୁ ଫେରାଇ ଅଣାଯାଇଥିଲା। ପରେ ଅପରାହ୍ନ ପ୍ରାୟ ୨ଟା ବେଳେ ସମ୍ପୃକ୍ତ ପୁରୁଷ ଯାତ୍ରୀଙ୍କୁ ବାଦ୍ ଦେଇ ବିମାନଟି ଅନ୍ୟ ଯାତ୍ରୀଙ୍କୁ ନେଇ ଦିଲ୍ଲୀ ଉଡ଼ାଣ କରିଥିଲା।

## ସ୍ୱର୍ଣ୍ଣ ପ୍ରାଶନ ଟିକାକରଣ ଅଭିଯାନକୁ ବେଦାନ୍ତ ଆଲୁମିନିୟମର ଗୁରୁତ୍ୱ



ଭୁବନେଶ୍ୱର,୨୪।୧୦ (ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ୍ ଆୟୁଷ ମନ୍ତ୍ରଣାଳୟ ସହଭାଗିତାରେ 'ସ୍ୱର୍ଣ୍ଣ ପ୍ରାଶନ' ଟିକାକରଣ ଅଭିଯାନକୁ ତ୍ୱରାନ୍ୱିତ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଅଭିଯାନ ଅଧୀନରେ ବେଦାନ୍ତ ଆଲୁମିନିୟମ୍ ୫ହଜାର ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିଥିବାବେଳେ କେବଳ କଳାହାଣ୍ଡି ଜିଲାର ୧୦ ବିଦ୍ୟାଳୟର ୩୭୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରିଛି। ଆଗକୁ ରାୟଗଡ଼ା ଓ କୋରାପୁଟ ଜିଲାରେ ଏହି ଟିକାକରଣ କାର୍ଯ୍ୟକ୍ରମ କରିବାକୁ କମ୍ପାନୀ ଯୋଜନା ରଖିଛି। କଳାହାଣ୍ଡି ଜିଲାର ବ୍ରଜବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମରେ ବେଦାନ୍ତ ଆଲୁମିନିୟମ୍‌ର ସିଓଓ ସୁନୀଲ ଗୁପ୍ତା ଯୋଗଦେଇ କହିଛନ୍ତି, ସ୍ୱର୍ଣ୍ଣ ପ୍ରାଶନ ଅଭିଯାନ ମାଧ୍ୟମରେ କମ୍ପାନୀ ତା'ର ପାରମ୍ପରିକ ଅଭ୍ୟାସ ମାଧ୍ୟମରେ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ବେଦାନ୍ତ ଆଲୁମିନିୟମ୍ ବକ୍ସାଇଟ୍ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ କହିଛନ୍ତି, ହଜାରେ ଛାତ୍ରୀଛାତ୍ରଙ୍କୁ ଉପକୃତ କରିବା ଉଦ୍ଦେଶ୍ୟରେ ସେପ୍ଟେମ୍ବରରେଏହି ପଦକ୍ଷେପ ହାତକୁ ନିଆଯାଇଥିଲା। ତେବେ ଯୋଜନାକୁ ଆଶାଠାରୁ ଅଧିକ ସଫଳତା ମିଳିଛି। ଜିଲା ଆୟୁଷ ଚିକିତ୍ସାଧିକାରୀ ଡାକ୍ତର ମୀନାକ୍ଷୀ ବେଦବାକ ଓ ଡା. କ୍ଷେତେରା କାଣ୍ଡ କହିଛନ୍ତି, ସ୍ୱର୍ଣ୍ଣ ପ୍ରାଶନ ଶିଶୁମାନଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଜ୍ଞାନ ଶକ୍ତି ମଧ୍ୟ ବଢ଼ାଇଥାଏ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ମୁଣ୍ଡନ ଧନ୍ୟବାଦ ଦେଇଥିଲେ।

## ରୋଜାଲିନ୍‌ଙ୍କୁ 'ସରୋଜିନୀ ନାଇଡୁ' ସମ୍ମାନ




ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)

ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ସଭାପତି ତଥା ସାମାଜିକ କର୍ମୀ ଡ. ରୋଜାଲିନ୍ ପାଟ୍ଟଶାଣୀ ମିଶ୍ରଙ୍କୁ 'ସରୋଜିନୀ ନାଇଡୁ' ସମ୍ମାନ ମିଳିଛି। ନୂଆଦିଲ୍ଲୀସ୍ଥିତ ମାରୱା ଷ୍ଟୁଡିଓରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆନ୍ତର୍ଜାତିକ ମିଡ଼ିଆ ଓ ଏଣ୍ଟରଟେନମେଣ୍ଟ ସଂସ୍ଥା ଏବଂ ଅନ୍ତର୍ଜାତୀୟ ମହିଳା ଫିଲ୍ମ ଫୋରମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଷ୍ଟୁଡିଓର ପ୍ରତିଷ୍ଠାତା ସନ୍ଦୀପ ମାରୱା, ଲିସୋଥ ଓ ଭେନୁଜୁଆଲ ପ୍ରମୁଖ ଯୋଗଦେଇ ଡ.ରୋଜାଲିନ୍‌ଙ୍କୁ ସମ୍ମାନ ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ ପାଲା ମହୋତ୍ସବରେ ଅମିୟ ଧଳ ସମ୍ବର୍ଦ୍ଧିତ



ଭୁବନେଶ୍ୱର,୨୪।୧୦(ଅନୁରାଧା ମହାରଣା)

ମା' ଜାଗୁଳେଇ ପାଲା ପରିଷଦ ଓ କଟକ ଜିଲା ଅରେଇ ଗ୍ରାମବାସୀଙ୍କ ପକ୍ଷରୁ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ମୁକ୍ତାକାଶ ପାଲା ମଞ୍ଚରେ ପାଲା ପରିବେଷଣ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପାଲା ଗାୟକମାନେ ପାଲା ପ୍ରଦର୍ଶନ କରିଥିଲେ। ଏହି ଅବସରରେ କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସାମାଜିକ କର୍ମୀ ଅମିୟ କୁମାର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମିୟ ଖାଇବା ତେଲ ଫ୍ରିଡମ ବ୍ୟବସାୟ କ୍ଷେତ୍ରରେ ଜଡ଼ିତ ଥିଲେ ମଧ୍ୟ ନିଜ ଗାଁ ଓ ଗାଁର ଲୋକ କଳା, ସଂସ୍କୃତି କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ସମ୍ବର୍ଦ୍ଧିତ ହେବା ଅବସରରେ ଅମିୟ କହିଛନ୍ତି, କଳା ବଞ୍ଚିଲେ ଜାତି ବଞ୍ଚିବ, ମାନବ ସମାଜ ବଞ୍ଚିବ। ତେଣୁ କଳା ସବୁବେଳେ ଆମ ପାଖରେ ଥିଲା ଓ ରହିବ। ସାମାଜିକ କର୍ମୀ ତାପସ ମହାଳିକ ଓ ଦୂରଦର୍ଶନର ନିର୍ଦ୍ଦେଶକ ନରୋତ୍ତମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ।

## ବାତ୍ୟା ପ୍ରଭାବରେ ଶୂନ୍‌ଶାନ କୋଣାର୍କ

କୋଣାର୍କ,୨୪।୧୦(ଜ୍ୟୋତିରାଜ ମହାନ୍ତି) ବାତ୍ୟା ପ୍ରଭାବ କୋଣାର୍କରେ ଗୁରୁବାର ସକାଳୁ ଦେଖିବାକୁ ମିଳିଛି। ଝିପିଝିପି ବର୍ଷା ସାଙ୍ଗକୁ ହାଲୁକା ପବନ ବହୁଛି। ବାତ୍ୟା ପାଇଁ ସୂର୍ଯ୍ୟ ମନ୍ଦିର କୋଣାର୍କ ବନ୍ଦ ରହିଛି। ତେବେ କେତେଜଣ ପର୍ଯ୍ୟଟକ ମନ୍ଦିର ବୁଲିବାକୁ ଆସିଥିବାବେଳେ ବନ୍ଦ ହେତୁ ଫେରିଥିବା ଦେଖିବାକୁ ମିଳିଛି। ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନିତ୍ ଅଗ୍ରୱାଲ ଚନ୍ଦ୍ରଭାଗାରେ ପହଞ୍ଚି ସ୍ଥିତି ପରଖିଥିଲେ। ଚନ୍ଦ୍ରଭାଗା ସମୁଦ୍ରରେ ଉଚ୍ଚ ଜୁଆର ସୃଷ୍ଟି ହେଉଛି। ଚନ୍ଦ୍ରଭାଗାରୁ ୨୭ ହବିଷିଆଳିଙ୍କୁ କୋଣାର୍କ ସ୍ଥାନାନ୍ତର କରାଯାଇଛି। ସେହିଭଳି ଚନ୍ଦ୍ରଭାଗା ବାତ୍ୟା ଆଶ୍ରୟସ୍ଥଳରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ପ୍ରଶାସନ ସଜାଗ ରହିଥିବା କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା କହିଛନ୍ତି।

## ଆଇଏଫ୍‌ଏଫ୍‌ଆଇରେ ଓଡ଼ିଆ ଡକ୍ୟୁମେଣ୍ଟାରି 'ମୋ ବୋଉ ମୋ ଗାଁ'

ଭୁବନେଶ୍ୱର,୨୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

୫୫ତମ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ(ଆଇଏଫ୍‌ଏଫ୍‌ଆଇ) ଆସନ୍ତା ନଭେମ୍ବର ୨୦ରୁ ୨୮ ପର୍ଯ୍ୟନ୍ତ ଗୋଆ ରାଜଧାନୀ ପଣଜୀଠାରେ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ପାନୋରମା ବିଭାଗରେ ୨୫ଟି ଫିଚର ଫିଲ୍ମ ଓ ୫ଟି ମେନ୍‌ଷ୍ଟ୍ରିମ୍ ଫିଲ୍ମ ମଧ୍ୟ ସ୍କ୍ରିନିଂ କରାଯିବ। ସେହିପରି ପ୍ରାୟ ୨୦ଟି ନନ୍ ଫିଚର ଫିଲ୍ମ ପ୍ରଦର୍ଶିତ ହେବାକୁ ଥିବାବେଳେ ଓଡ଼ିଆ ଡକ୍ୟୁମେଣ୍ଟାରି 'ମୋ ବୋଉ ମୋ ଗାଁ' ସ୍ଥାନ ପାଇଛି। ଏହାର ନିର୍ଦ୍ଦେଶକ ତଥା ସାଉଣ୍ଡ୍ ଡିଜାଇନର ସୁବାସ ସାହୁ କହିଛନ୍ତି,




ମୋ ବୋଉ ଓ ମୋ ଗାଁକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହୋଇଛି। ପୂର୍ବରୁ ବିବାହ କରିବା ଆଗରୁ ସମସ୍ତେ ମୋ ବୋଉ ପାଖକୁ ଆସୁଥିଲେ କିଭଳି ଜଣେ ଭଲ ଗୃହିଣୀ ହେବେ ତାହା ଶିଖିବାକୁ। ହସ୍ତକଳା, ବୁଣିବା, ରୋଷେଇ ଶିଖିବା ଭଳି ଅନେକ କଥା ସେ ଶିଖାଉଥିଲେ। ତାଙ୍କୁ ସମସ୍ତେ ସେବା ବୋଉ ବୋଲି କହୁଥିଲେ। ସେହିପରି ପୂର୍ବକାଳର ବାହାଘର ସମୟର କିଛି ସଂସ୍କୃତିକୁ ମଧ୍ୟ ଏହି ଫିଲ୍ମରେ ଦର୍ଶାଯାଇଛି। ଫିଲ୍ମର ଶୁଟିଂ ୨୦୦୪ରୁ ଆରମ୍ଭ କରିଥିଲି। ଶୁଟିଂ ପାଇଁ ପ୍ରାୟ ୧୮ବର୍ଷ ଲାଗିଛି। ୨୦୨୩ରେ ଏହାର ରିଲିଜ୍ ପାଇଁ ସେନ୍‌ସର ବୋର୍ଡର ଅନୁମତି ମିଳିଥିଲା। ଏମିତିକି ଏହା ମଧ୍ୟରେ ୨୦୨୦ରେ ମୁଁ ମୋ ବୋଉଙ୍କୁ ହରାଇଲି। ଏହି ଚଳଚ୍ଚିତ୍ରଟି ପୂର୍ବରୁ ଶିକାଗୋ ଫିଲ୍ମ ଫେଷ୍ଟିଭାଲରେ ସ୍ଥାନ ପାଇଥିଲା। ୬୩ ମିନିଟ୍‌ର ଏହି ଡକ୍ୟୁମେଣ୍ଟାରିର ପ୍ରଯୋଜକ ତଥା ସମ୍ପାଦକ ସୁବୀର ନାଥ ଥିବାବେଳେ ସଙ୍ଗୀତରେ ସୁଦୀପ ଜେନା ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଫିଲ୍ମ ଫେଷ୍ଟିଭାଲ ପାଇଁ ନନ୍ ଫିଚର ଚଳଚ୍ଚିତ୍ର ବର୍ଗ ଚୟନ ଲାଗି ପ୍ରଯୋଜକ ତଥା ନିର୍ଦ୍ଦେଶକ ରଜନୀକାନ୍ତ ଆଚାର୍ଯ୍ୟ, ନିର୍ଦ୍ଦେଶକ ରୋନେଲ ହୋବାମ, ଉଷା ଦେଶପାଣ୍ଡେ, ବନ୍ଦନା କୋହଲି, ମିଥୁନଚନ୍ଦ୍ର ଚୌଧୁରୀ, ଶାଳିନୀ ଶାହା ଜୁରି ଭାବେ ରହିଥିଲେ।

